ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक

Vol.26 . No.306 Bhubaneswar Monday January 22 2024 | ୨୬ତମ ବର୍ଷ | ସଂଖ୍ୟା–୩୦୬ ଭୁବନେଶ୍ୱର, ସୋମବାର, ଜାନୁଆରୀ ୨୨, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ରାତି ପାହିଲେ ବିରାଜିବେ ରାମଲଲା, କଡା ସୁରକ୍ଷା ବଳୟରେ ଅଯୋଧ୍ୟା



ଭୁବନେଶ୍ୱର,୨୧।୧(ପି.ଏନ): ଶହ ଶହ ବର୍ଷ ଅପେକ୍ଷାର ଅନ୍ତ ଘଟିବାକୁ ଯାଉଛି, ବନବାସ ସାରି ଅଯୋଧ୍ୟା ଫେରୁଛନ୍ତି ପ୍ରଭୁ ଶ୍ରୀରାମ। ରାତି ପାହିଲେ ଭବ୍ୟ ମନ୍ଦିରରେ ବିରାଜିବେ ପ୍ରଭୁ। ଏଥିପାଇଁ ସମଗ୍ର ଅଯୋଧ୍ୟା ନଗରୀ ରାମମୟ ହୋଇଯାଇଛି। ଆସନ୍ତାକାଲି ଦିନ ୧୨ଟା ୨୦ରୁ ପ୍ରାଣ ପ୍ରତିଷ୍ଠା ସମାରୋହ କାର୍ଯ୍ୟକ୍ରମ ଆରମ୍ଭ ହେବ। ରାତି ପ୍ରାୟ ଗୋଟାଏରେ ସମାପନ ହେବ। ଏହା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ଦିର ନିକଟରେ ଶତାଧିକ ଭକ୍ତ, ବହୁ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ସମେତ ୭,୦୦୦ ରୁ ଅଧିକ ଲୋକଙ୍କ ସମାବେଶକୁ ସମ୍ବୋଧିତ କରିବେ। ଏହି ସମୟରେ, ଲକ୍ଷ ଲକ୍ଷ ଲୋକ ଟେଲିଭିଜନ ତଥା ଅନ୍ୟ ଅନଲାଇନ୍ ପ୍ଲାଟଫର୍ମ ମାଧ୍ୟମରେ କାର୍ଯ୍ୟକ୍ରମକୁ ସିଧାସଳଖ ଦେଖିପାରିବେ। ପ୍ରତ୍ୟେକ ଭାରତବାସୀ ଯେପରି ଏହି ମହାନ ପର୍ବରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ସାମିଲ ହୋଇପାରିବେ ସେଥିପାଇଁ ଅନେକ ରାଜ୍ୟରେ ଛୁଟି ଘୋଷଣା କରାଯାଇଛି। କେନ୍ଦ୍ର ସରକାର ମଧ୍ୟ ସମସ୍ତ ସରକାରୀ ଅନୁଷ୍ଠାନରେ ଦିନ ୨ଟା୩୦ ପର୍ଯ୍ୟନ୍ତ ଛୁଟି ଘୋଷଣା କରିଛନ୍ତି। ବଲିଉଡର ସୁପରଷ୍ଟାର ଅମିତାଭ ବଚ୍ଚନ, ବ୍ୟବସାୟ ଟାଇକନ୍ ମୁକେଶ ଅମ୍ବାନି ଏବଂ ଗୌତମ ଆଦାନୀ, କ୍ରୀଡ଼ା କିମ୍ବଦନ୍ତୀ ସଚିନ ତେନ୍ଦୁଲକର ଏବଂ ଏମଏସ ଧୋନିଙ୍କ ଭଳି ବହୁ ମାନ୍ୟଗନ୍ୟ ବ୍ୟକ୍ତି ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବେ। ମନ୍ଦିର ନିର୍ମାଣ ପାଇଁ ଯେଉଁମାନେ ଆନ୍ଦୋଳନର ଅଂଶ ହୋଇଥିଲେ ସେମାନେ ମଧ୍ୟ ଏହି ସମାରୋହରେ ଯୋଗଦେବେ।

## ଓଡିଶା ଗସ୍ତରେ ଆସୁଛନ୍ତି ଏଆଇସିସି ସଭାପତି ଶ୍ରୀ ମଲ୍ଲିକାର୍ଜୁନ୍ ଖଡଗେ, ସମ୍ବୋଧିତ ସଭା ପାଇଁ କମିଟି ଗଠନ କଲା କଂଗ୍ରେସ

ଭୁବନେଶ୍ୱର,୨୧।୧(ପି.ଏନ): ଆସନ୍ତା ୨୯ ତାରିଖ ଦିନ ଓଡିଶା ଗସ୍ତରେ ଆସୁଛନ୍ତି ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମାନ୍ୟବର ଶ୍ରୀ ମଲ୍ଲିକାର୍ଜୁନ୍ ଖଡଗେ । ଏହି ପରିପେକ୍ଷିରେ ଭୁବନେଶ୍ୱରରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ। ଶ୍ରୀ ଖଡ଼ଗେ ଙ୍କ ସମ୍ବୋଧିତ ସାଧାରଣ ସଭା ପାଇଁ ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଏକ କମିଟି ଗଠନ କରିଛନ୍ତି । ଉକ୍ତ କମିଟିକୁ ଏଆଇସିସି ପକ୍ଷରୁ ଓଡିଶା ପ୍ରଭାରୀ ଡ଼ ଅଜୟ କୁମାର ଅନୁମୋଦନ କରିଛନ୍ତି ।ଅନୁମୋଦନ ପାଇଥିବା ଉକ୍ତ କମିଟିର ଅଧ୍ୟକ୍ଷ ଭାବେ ପୂର୍ବତନ ପିସିସି ସଭାପତି ଶ୍ରୀ ଜୟଦେବ ଜେନା ରହିଛନ୍ତି । ସେହିଭଳି ବିଧାୟକ ଦଳ ନେତା ଶ୍ରୀ ନରସିଂହ ମିଶ୍ର, ପୂର୍ବତନ ପିସିସି ସଭାପତି, ଶ୍ରୀ ନିରଂଜନ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନ, ବିଧାୟକ ତଥା ପିସିସି କୋଷାଧ୍ୟକ୍ଷ ଶ୍ରୀ ସନ୍ତୋଷ ସିଂ ସାଲୁଜା, ପୂର୍ବତନ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ତଥା ପିସିସି ଇସ୍ତାହାର କମିଟି ଅଧ୍ୟକ୍ଷ ଶ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ ମନ୍ତ୍ରୀ ତଥା ପିସିସିର ବରିଷ୍ଠ ଉପସଭାପତି ଶ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ମନ୍ତ୍ରୀ ଶ୍ରୀମତି ବିଜୟଲକ୍ଷ୍ମୀ ସାହୁ ରହିଛନ୍ତି ।

## ଫତେଗଡ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ଯାଉଥିଲେ, ପାହାଡରେ ଓଲଟି ପଡିଲା ଟ୍ରାକ୍ଟର





ଭୁବନେଶ୍ୱର,୨୧।୧(ପି.ଏନ); ପାହାଡ ଉପରେ ନିର୍ମାଣ କରାଯାଇଛି ଭବ୍ୟ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର। ସେହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବା ପାଇଁ ଟ୍ରାକ୍ଟରରେ ଯାଇଥିଲେ ଶ୍ରଦ୍ଧାଳୁ। ହେଲେ ପାହାଡ ଉପରକୁ ଯାଇଥିବା ରାସ୍ତାରେ ଟ୍ରାକ୍ଟର ଡାଲା ଓଲଟି ପଡିଥିଲା। ଫଳରେ ୧୫ରୁ ଅଧିକ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ମହିଳା ଓ ଛୋଟ ପିଲା। ଆଜି ଅପରାହ୍ନରେ ଏପରି ଭୟଙ୍କର ଦୁର୍ଘଟଣା ନୟାଗଡ ଜିଲ୍ଲା ଫତେଗତ ପାହାଡରେ ଘଟିଛି।

## ପରିମଳ ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିବେ ମିଶନ ଶକ୍ତି, ବସ୍ତି ସଂଘ, ତୃତୀୟ ଲିଙ୍ଗୀ ସଂଗଠନ



ଭୁବନେଶ୍ୱର,୨୧।୧(ପି.ଏନ): ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା। ଏଣିକି ଗୋଷ୍ଠୀଗତ ଭାବେ ରକ୍ଷଣାବେକ୍ଷଣ ହେବ ସହରାଞ୍ଚଳ ପରିମଳ ବ୍ୟବସ୍ଥା । ସମାଜର ଦୁର୍ବଳଶ୍ରେଣୀ ବର୍ଗକୁ ମିଳିବ ସାମାଜିକ ସ୍ୱୀକୃତି। ଭିତ୍ତିଭୂମି ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିବେ ମିଶନ ଶକ୍ତି, ବସ୍ତି ଉନ୍ନୟନ ସଂଘ ଓ ତୃତୀୟ ଲିଙ୍ଗୀ ସଂଗଠନ। ରାଜ୍ୟ ସରକାର ଆଣିଛନ୍ତି ଓଡ଼ିଶା ସହାରଞ୍ଚଳ ଗୋଷ୍ଠୀଗତ ପରିମଳ ନୀତି–୨୦୨୪ ବା ଙ୍କଟଓଝଚ ।କଠିନ ହେଉ କି ତରଳ ବର୍ଜ୍ୟବସ୍ତୁ। ସହରାଞ୍ଚଳ ପରିମଳ ପରିଚାଳନା ଏକ ବଡ଼ ଚ୍ୟାଲେଞ୍ଜ୍। ସଶକ୍ତ ଓ ସୁଦୃଢ଼ ବ୍ୟବସ୍ଥା ଦେବାରେ ଓଡ଼ିଶା ହୋଇଛି ମଡେଲ୍ ରାଜ୍ୟ। ନୂଆ ନୀତିରେ ପରିମଳ କାର୍ଯ୍ୟରେ ନିୟୋଜିତ କର୍ମଚାରୀ, ସ୍ୱଚ୍ଛ ସାଥୀଙ୍କ ସାମାଜିକ ସୁରକ୍ଷାକୁ ଅଗ୍ରାଧିକାର ଦିଆଯାଇଛି। ସେମାନଙ୍କୁ ବୀମାଭୁକ୍ତ କରିବା ସହିତ ଗୋଷ୍ଠୀଗତ କଲ୍ୟାଣ ପାଇଁ ସୁବିଧା ମିଳିବ। ଖାଲି ସେତିକି ନୁହେଁ, ସହରାଞ୍ଚଳବାସୀଙ୍କୁ ପରିମଳ ଭିତ୍ତିଭୂମି ବିଷୟରେ ସଚେତନ କରିବା ସହିତ ଆଇସି କାର୍ଯ୍ୟକ୍ରମ ଜରିଆରେ ନିଜର ଦାୟିତ୍ୱ ସମ୍ପର୍କରେ ଅବଗତ କରାଯିବ। ଖାଲି ସେତିକି ନୁହେଁ ସହରାଞ୍ଚଳ ବାସିନ୍ଦା ନିଜ ମୋବାଇଲ ଆପ୍ 'ସୁଯୋଗ'ଜରିଆରେ ଅଭିଯୋଗ ଦାଖଲ କରିବା ସହିତ ତାର ଟ୍ରାକିଂ ଓ ପ୍ରତିବିଧାନ ନେଇ ସୂଚନା ପାଇପାରିବେ। ଏଥିପାଇଁ ଓକାକ୍ ଦ୍ୱାରା ବିକଶିତ 'ସୁଯୋଗ' ଆପକୁ ଅପଡେଟ୍ କରାଯାଉଛି। ଏପରି ଗୋଷ୍ଠୀଗତ ନୀତି ଆଣିବାରେ ଦେଶରେ ଓଡ଼ିଶା ଅନନ୍ୟ ।ନୂଆ ପରିମଳ ନୀତିକୁ ସ୍ୱାଗତ କରିଛନ୍ତି ଅର୍ବାନ୍ ପ୍ଲାନର୍ । ପୂର୍ବରୁ ସହରାଞ୍ଚଳ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉନଥିଲା। ସେଥିପାଇଁ ସହରାଞ୍ଚଳ ବର୍ଜ୍ୟବସ୍ତୁ ପରିଚାଳନା ଏକ ବଡ଼ ଚ୍ୟାଲେଞ୍ଜ ଥିଲା। ଆଗରୁ ଓଡ଼ିଶା ସରକାର ଅର୍ବାନ୍ ସାନିଟେସନ୍ ନୀତି ୨୦୧୭ ପ୍ରଣୟନ କରିଥିଲେ। ସେ ନୀତି ଆଧାରରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଭିତ୍ତିଭୂମି ପ୍ରସ୍ତୁତ ହୋଇଛି। ପୂର୍ବରୁ ସାନିଟେସନ୍ କାର୍ଯ୍ୟରେ ନିୟୋଜିତ କର୍ମଚାରୀ କିମ୍ବା ଆଉଟସୋର୍ସିଂ କର୍ମଚାରୀଙ୍କ ପାଇଁ ସାମାଜିକ ସୁରକ୍ଷା ବ୍ୟବସ୍ଥା ନଥିଲା। ଏବେ ନୂଆ ନୀତିରେ ସେମାନଙ୍କ କଲ୍ୟାଣ ଓ ଜୀବନରକ୍ଷା ପାଇଁ ବୀମା ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ସେମାନେ ସମ୍ମାନର ସହ କାର୍ଯ୍ୟ କରିବାର ଅଧିକାର ପାଇବେ ।ଦୁର୍ବିପାକ ଓଡ଼ିଶାର ଚିର ସହଚର । ଙ୍କଟଓଝଚ ନୀତି–୨୦୨୪ରେ ଦୁର୍ବିପାକ ସହନଶୀଳ ଭିତ୍ତିଭୂମି ପ୍ରସ୍ତୁତ ପାଇଁ ବ୍ୟବସ୍ଥା ରଖାଯାଇଛି।

## ଟ୍ରକ୍ ଧକ୍କାରେ ଚାଲିଗଲା ୩ ବାଇକ୍ ଆରୋହୀଙ୍କ ଜୀବନ



ଭଦ୍ରକ,୨୧।୧(ପି.ଏନ): ଭଦ୍ରକରେ ଝିପିଝିପି ବର୍ଷା ସହ କୋହଲା ପାଗ ଲାଗି ରହିଥିବା ବେଳେ ୧୬ନମ୍ବର ଜାତୀୟ ରାଜପଥ ରାଣିତାଲ ଛକ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ବାଇକକୁ ପିଟିଲା ଟ୍ରକ। ଚାଲିଗଲା ୩ ବାଇକ ଆରୋହୀଙ୍କ ଜୀବନ ।

## କଂଗ୍ରେସ ଯାତ୍ରାରେ ଶୁଭିଲା 'ମୋଦି' ନାରା, ରାହୁଲ ଦେଲେ ଫ୍ଲାଇଂ କିସ୍





ନୂଆଦିଲ୍ଲୀ,୨୧।୧(ପି.ଏନ): ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ ଜାରି ରହିକି କଂଗ୍ରେସର ଭାରତ ଯୋଡୋ ନ୍ୟାୟ ଯାତ୍ରା। ମଣିପୁରରୁ ବାହାରି ଏହି ଯାତ୍ରା ଏବେ ଆସାମରେ ପହଞ୍ଚି। ଆସାମରେ ଏହି ଯାତ୍ରାର ଆଜି ଚତୁର୍ଥ ଦିନ। ତେବେ କଂଗ୍ରେସର ଏହି ଯାତ୍ରା ବେଳେ 'ମୋଦି ମୋଦି' ନାରାରେ କମ୍ପିଛି ପୂରା ଅଞ୍ଚଳ ।ପ୍ରକୃତରେ ଆସାମର ସୋନିତପୁର ଜିଲ୍ଲାରେ ଭାରତ ଯୋଡୋ ନ୍ୟାୟ ଯାତ୍ରା ବେଳେ ରାହୁଲ ଗାନ୍ଧିଙ୍କ ବସ୍‌କୁ ଲୋକଙ୍କ ଭିଡ ଅଟକାଇ ଦେଇଥିଲା। ଏହାପରେ କଂଗ୍ରେସ ନେତାମାନେ ବସ୍ ?ରୁ ଓହ୍ଲାଇ ତଳକୁ ଆସିଥିଲେ। ଏହି ସମୟରେ ଭିଡ ଭିତରେ ଥିବା କିଛି ଲୋକେ ମୋଦି ମୋଦି ନାରା ଦେଇଥିଲେ। ଏଥିସହ ଲୋକମାନେ ହାତରେ ବିଜେପି ପତକା ଧରିବା ସହ ଜୟ ଶ୍ରୀ ରାମ ସ୍ଲୋଗାନ ମଧ୍ୟ ଦେଇଥିଲେ।

## ଫେଲ୍ ପ୍ରାର୍ଥୀଙ୍କ ଲୁହରେ ଭିଜିଲା ରାଜନୀତି, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ବିବାଦୀୟ ବୟାନର ଜବାବ ଦେଲା ବିଜେଡି

ଭୁବନେଶ୍ୱର,୨୧।୧(ପି.ଏନ): କନିଷ୍ଠ ଶିକ୍ଷକ ଯୋଜନାଭିତ୍ତିକ ନିଯୁକ୍ତିକୁ ନେଇ ବିରୋଧୀଙ୍କ ରାଜନୀତି । ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନଥିବା ପ୍ରାର୍ଥୀଙ୍କ ଦୁଃଖରେ ରାଜନେ?ତିକ ଫାଇଦା ନେବାକୁ ପ୍ରୟାସ ।କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଭଳି ପ୍ରସଙ୍ଗରେ ବିବାଦୀୟ ବୟାନ ଦେଉ ଦେଉ ତାଙ୍କୁ ଚେକ୍ ଦେଇଛନ୍ତି ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ । ଯାହା ଧର୍ମେନ୍ଦ୍ରଙ୍କ ଭିତିରିଆ ଉଦ୍ଦେଶ୍ୟକୁ ସ୍ପଷ୍ଟ କରିଛି ।ଶିକ୍ଷକ ନିଯୁକ୍ତିର ପୂରା ପ୍ରକ୍ରିୟା କେନ୍ଦ୍ରୀୟ ସଂସ୍ଥା ରୟଉଓଖ ଜରିଆରେ କରାଯାଇଛି ।ଯାହା ଧର୍ମେନ୍ଦ୍ର ପ୍ରଧାନଙ୍କ ମନ୍ତ୍ରାଳୟ ଅଧୀନରେ କାର୍ଯ୍ୟ କରୁଛି । ଏପରି ସ୍ଥିତିରେ ଧର୍ମେନ୍ଦ୍ର ନିଜ ମନ୍ତ୍ରାଳୟର ସଂସ୍କାର ପାରିବାପଣିଆ ହିଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ହୀନ ରାଜନୀତିକୁ ପଦାରେ ପକାଇ ଦେଇଛି ।ପ୍ରଣବଙ୍କ ପ୍ରଶ୍ନରେ ଧର୍ମେନ୍ଦ୍ରଙ୍କ ପାଖରେ ଜବାବ ନାହିଁ । ଫେକ୍ ସୋସିଆଲ ମିଡିଆ ଆଇଡି ଜରିଆରେ ବିଜେପି ଭ୍ରମ ସୃଷ୍ଟି କରୁଥିବା ବିଜେଡି ଅଭିଯୋଗ କରିଛି ।ଅନ୍ୟପଟେ ଆନ୍ଦୋଳନରତ ପ୍ରାର୍ଥୀମାନଙ୍କୁ ନେଇ ଚାଲିଥିବା ରାଜନୀତିକୁ ନାପସନ୍ଦ କରିଛନ୍ତି ଶିକ୍ଷାବିତ୍ । ୭ ବର୍ଷ ପରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଥିଲେ ରାଜ୍ୟ ସରକାର ।ଯାହା ୨୦ ହଜାର ଆଶାୟୀଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବାରେ ସହାୟକ ହୋଇଛି ।ଆଗକୁ ଆହୁରି ୧୦ ହଜାର କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବା ନେଇ ସୂଚନା ମିଳିଛି । ଏଥିପାଇଁ ପ୍ରସ୍ତୁତି କରିବାକୁ ଶିକ୍ଷାବିତମାନେ ପରାମର୍ଶ ଦେଇଛନ୍ତି ।କେନ୍ଦ୍ରୀୟ ସଂସ୍ଥା ରୟଉଓଖ 'ମିନି ରତ୍ନ' କାଟେଗୋରୀରେ ଆସେ ।ଯାହା କେନ୍ଦ୍ରୀୟ ବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ, ଏମ୍ସ, ଭାରତୀୟ ସେନା ଏବଂ ଅନ୍ୟ ସଂସ୍ଥା ପାଇଁ ହଜାର ହଜାର ସଂଖ୍ୟାରେ ନିଯୁକ୍ତି କରିଥାଏ ।ତେବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଏହା ଜାଣିଛନ୍ତି ନା ଜାଣିଶୁଣି ରାଜନୀତି କରିବାକୁ ବିବାଦ ସୃଷ୍ଟି କରୁଛନ୍ତି, ତାହା ପ୍ରଶ୍ନ ।

## ଶ୍ରୀରାମ ଧ୍ୱନୀରେ କମ୍ପିଲା ବଡଦାଣ୍ଡ, ଶ୍ରୀକ୍ଷେତ୍ରରେ ଗଡିଲା ରାମରଥ



ପୁରୀ,୨୧।୧(ପି.ଏନ): ଶ୍ରୀକ୍ଷେତ୍ରରେ ନଗର ପରିକ୍ରମା କଲା ରାମରଥ । ଜୟ ଶ୍ରୀରାମ ଧ୍ୱନୀରେ କମ୍ପିଲା ବଡଦାଣ୍ଡ । ଆସନ୍ତାକାଲି ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ରହିଥିବା ବେଳେ ସାରା ଦେଶ ଏବେ ରାମମୟ ହୋଇଛି । ଦେଶର ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା ସହ ଉତ୍ସବ ମନାଯାଉଛି ।ଏହି ଅବସରରେ ଆଜି ଶ୍ରୀକ୍ଷେତ୍ରରେ ରାମରଥ ନଗର ପରିକ୍ରମା କରିଛି ।

## ଦିନିକିଆ ଯାଜପୁର ଜିଲ୍ଲା ଗସ୍ତରେ ଆସି ଗରିବଙ୍କ ଦୁଃଖ ବୁଝିଲେ ରାଜ୍ୟପାଳ ରଘୁବର ଦାସ



ଯାଜପୁର,୨୧।୧(ପି.ଏନ): ଦିନିକିଆ ଯାଜପୁର ଜିଲ୍ଲା ଗସ୍ତରେ ଅଛନ୍ତି ରାଜ୍ୟପାଳ ରଘୁବର ଦାସ । ଯାଜପୁର ଜିଲ୍ଲା ଗସ୍ତରେ ଆସି ଦଶରଥପୁର ବ୍ଲକର ବିଭିନ୍ନ ଅଞ୍ଚଳକୁ ଯାଇ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଭେଟିଛନ୍ତି ।ପ୍ରଥମେ ଖଣ୍ଡରା ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସେଠାରେ ବିଭିନ୍ନ ବ୍ୟକ୍ତି ମାନଙ୍କୁ ଭେଟିବା ସହିତ ସରକାରୀ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ।

### ପୂର୍ବଘାଟ ପର୍ବତମାଳାରେ ଜଳବାୟୁ ପରିବର୍ତ୍ତନ ପ୍ରଭାବ
## ପ୍ରଥମଥର କୋରାପୁଟରେ ରାଜ୍ୟସ୍ତରୀୟ ସମ୍ମିଳନୀ



ଭୁବନେଶ୍ୱର,୨୧।୧(ପି.ଏନ): ସ୍ଥାନୀୟ ପୌରପାଳିକା ପ୍ରେକ୍ଷାଳୟରେ ନେଚର କେୟାର ଇନିସେନ୍‌ଟିଭ ଆନୁକୂଲ୍ୟରେ ପୂର୍ବଘାଟ ପର୍ବତମାଳା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ନେଇ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ସାଂସଦ ସପ୍ତଗିରୀ ଉଲାକା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଜନ ଭାଗିଦାରୀ ମାଧ୍ୟମରେ ଜଳବାୟୁ ପରିବର୍ତ୍ତନ ପ୍ରଭାବକୁ ରୋକାଯାଇ ପାରିବ ବୋଲି ସାଂସଦ ଶ୍ରୀ ଉଲାକ କହିବା ସହ ଏହାକୁ ନେଇ ସଚେତନତାର ଆବଶ୍ୟକତା ରହିଛି ବୋଲି କହିଛନ୍ତି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗର ମୁଖ୍ୟ ପ୍ରଫେସର ଶରତ କୁମା ପାଳିତା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଜଳବାୟୁ ପରିବର୍ତ୍ତନରେ ଜୀବଜଗତର ସରୀସୃପ, ପକ୍ଷୀ, କୀଟପତଙ୍ଗ ଅନେକ ମାତ୍ରାରେ ପ୍ରଭାବିତ ହେବେ ବୋଲି କହିଛନ୍ତି। ଗତ କିଛି ବର୍ଷ ମଧ୍ୟରେ ପୂର୍ବଘାଟ ପର୍ବତମାଳାରେ ୧୫.୮ ପ୍ରତିଶତ ଜଙ୍ଗଲ ହ୍ରାସ ପାଇଛି ବୋଲି ପ୍ରଫେସର ପାଳିତା କହିଛନ୍ତି। ଆଦିବାସୀଙ୍କୁ ଜଙ୍ଗଲ ଜମି ନ ମିଳିଲେ ବନାଗ୍ନିକୁ ରୋକାଯାଇ ପାରିବ ନାହିଁ ବୋଲି ସେ କହିଛନ୍ତି। ଜଳବାୟୁ ପରିବର୍ତ୍ତନରେ ମହିଳା ଓ ଶିଶୁ ଅଧିକା ମାତ୍ରାରେ ପ୍ରଭାବିତ ହେବେ ବୋଲି ପରିବେଶବିତ ତଥା ବରିଷ୍ଠ ସାମ୍ବାଦିକ ବିଭୁତି ପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଜଳବାୟୁ ପରିବର୍ତ୍ତନକୁ ରୋକିବାକୁ ବୃକ୍ଷ ରୋପଣ ଏବଂ ଜଙ୍ଗଲରେ ନିଆଁ ନ ଲଗାଇବାକୁ ସହାୟକ ବନ ସଂରକ୍ଷକ ଶୁଭଦର୍ଶିନୀ ମହାନ୍ତି ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ନେଚର କେୟାର୍ ଇନିନେ୍‌ଟିଭ ମୁଖ୍ୟ କାର୍ଯ୍ୟନିବାହୀ ଶ୍ରୀକାନ୍ତ ଶେଖର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ପରିବେଶବିତ ରବୀନ୍ଦ୍ର କୁମାର ରଣାଙ୍କୁ ସମ୍ମାନିତ କରାଯାଇଥିଲ। କାର୍ଯ୍ୟକ୍ରମରେ ମୀନ କେତନ ବେହେରା ଯୋଗଦେଇ ସ୍ୱାଗତ ଭାଷଣ ଦେଇଥିବାବେଳେ ଓମ୍ ପ୍ରକାଶ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାମ ମନ୍ଦିର ସିଧା ପ୍ରସାରଣ ଉପରେ ଲାଗିଲା ରୋକ୍, ରାଗିଗଲେ ନିର୍ମଳା



ଭୁବନଶ୍ୱର,୨୧।୧(ପି.ଏନ): ଆସନ୍ତାକାଲି ଅଯୋଧ୍ୟାର ରାମ ମନ୍ଦିରରେ ବିରାଜମାନ କରିବେ ଭଗବାନ ରାମ। ରାମ ଲଲାଙ୍କ ହେବ ପ୍ରାଣ ପ୍ରତିଷ୍ଠା। ଏଥିପାଇଁ ପୂର ଉତ୍ସବ ମୁଖର ହୋଇପଡିଛି ପୂରା ଦେଶ। ଗୋଟିଏ ପଟେ ଏହି ଉଦ୍‌ଘାଟନ ସମାରୋହକୁ ନେଇ ସାରା ଦେଶରେ ପ୍ରସ୍ତୁତି ଜୋରସୋର୍‌ରେ ଚାଲିଥିବା ବେଳେ ଅନ୍ୟପଟେ ଏହାକୁ ନେଇ ରାଜନୀତି ମଧ୍ୟ ଜୋର୍ ଧରିଛି ।ବିରୋଧୀ ଦଳ ଏହି ସମାରୋହକୁ ବୟକଟ୍ କରିଥିବା ବେଳେ ବିଜେପି ଲଗାତର ସେମାନଙ୍କୁ ଟାର୍ଗେଟ୍ କରୁଛି। ଏହାରି ଭିତରେ ରାମ ମନ୍ଦିର ଉଦ୍‌ଘାଟନ ସମାରୋହ ଉପରେ ରୋକ୍ ଲାଗିଛି। ତାମିଲନାଡୁ ସରକାର ଲାଇଭ୍ ପ୍ରସାରଣ ଉପରେ ପ୍ରତିବନ୍ଧକ୍ ଲଗାଇଛନ୍ତି। ଏହାକୁ ନେଇ ଏବେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରାଗି ଯାଇଛନ୍ତି।

## ସାଧାରଣବୀମା ଅଧିକାରୀ ସଂଘର ପାଞ୍ଚ ଦଫା ଦାବୀ ସଂପର୍କରେ କାର୍ଯ୍ୟକାରୀ ଅଧିବେଶନ

ଭୁବନେଶ୍ୱର, ୨୧।୧(ପି.ଏନ) : ଆଜି ସାଧାରଣବୀମା ଅଧିକାରୀ ସଂଘ ଓରିଏଣ୍ଟାଲ ବୀମା ଶାଖା, ଚେକ୍ ଅଫ କୋଡ୍–୦୮ ର କାର୍ଯ୍ୟକାରୀ ଅଧିବେଶନ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖା ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି। ଏହି ସଭାରେ ବୀମା ଶିଳ୍ପର ବିଭିନ୍ନ ସମସ୍ୟା, ଅଧିକାରୀ ଓ କର୍ମଚାରୀମାନଙ୍କର ଅପୂରଣୀୟ ଦାବୀ ସଂପର୍କରେ ଆଲୋଚନା ହୋଇଥିଲା। ସରକାରୀବୀମା ଶିଳ୍ପର ଏକତ୍ରୀକରଣ କରିବା ସମ୍ବନ୍ଧରେ ଦାବୀ ଉପସ୍ଥାପନା ହୋଇଥିଲା, ଯାହାକି ବୀମା କ୍ଷେତ୍ରରେ ଏକ ବୈପ୍ଳବୀକ ପରିବର୍ତ୍ତନ ଆଣିପାରିବ। ଏହା ବ୍ୟତୀତ କାର୍ଯ୍ୟରତ ଅଧିକାରୀ ଏବଂ କର୍ମଚାରୀମାନଙ୍କ ନିମ୍ନ ଦାବୀ ସମ୍ବନ୍ଧରେ ଆଲୋଚନା ହୋଇଥିଲା। (୧) ବେତନ ସଂଶୋଧନ (୨) ପାରିବାରିକ ଅବସରକାଳୀନ ଭତ୍ତା ୧୫ ପ୍ରତିଶତରୁ ୩୦ ପ୍ରତିଶତକୁ ବୃଦ୍ଧି (୩) ୦୧/୦୪/୨୦୧୦ ପରେ ଚାକୀରିରେ ଯୋଗ ଦେଇଥିବା ସମସ୍ତ କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠିରେ ମୂଳ ବେତନର ୧୪ ପ୍ରତିଶତ ଜମା କରିବା (୪) ସମସ୍ତଙ୍କ ପାଇଁ ୧୯୯୫ ପେନସନ୍ ଅଧିନୀୟମ ଲାଗୁ କରିବା (୫) ଦୀର୍ଘ ବର୍ଷଧରି ବନ୍ଦ ଥିବା କର୍ମଚାରୀ ନିଯୁକ୍ତି ପ୍ରକ୍ରିୟା ପୁନଃ ଆରମ୍ଭ କରିବା। ଉପରୋକ୍ତ ଦାବୀଗୁଡ଼ିକୁ ବାରମ୍ବାର ଅର୍ଥ ମନ୍ତ୍ରାଳୟ ଓ ସାଧାରଣ ବୀମା ସଂଘର ଅଧ୍ୟକ୍ଷଙ୍କୁ ଜଣାଇଥିଲେ ମଧ୍ୟ ଏହାର କୌଣସି ସୁଫଳ ଏପର୍ଯ୍ୟନ୍ତ ମିଳିପାରିନାହିଁ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜ୍ୱତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିା୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ଟ୍ୟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଷ୍ୟରେ ସାହାଯଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ୟତୀତ ଅନଷ୍ୟ ରାଜଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ୟାରେ ପର୍ଯଷ୍ଟ୍ୟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଷ୍ଟ୍ୟକଙ୍କ ବର୍ଦ୍ଧିତ ସଂଖଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ୱଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଷ୍ଟ୍ୟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଷ୍ଟ୍ୟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଷ୍ଟ୍ୟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଷ୍ଟ୍ୟକଙ୍କ ଭିଡକୁ ଲକ୍ଷଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ୟତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ବିଜେପିର ଓଡ଼ିଶା ସ୍ୱପ୍ନ

ଆସନ୍ତା ୨୦୨୪ ନିର୍ବାଚନରେ ବିଜେପି ଓଡ଼ିଶାରେ ୧୬ଟି ଲୋକସଭା ଆସନ ପାଇବ ବୋଲି ଏବେଠୁ ସ୍ୱପ୍ନ ଦେଖିବାରେ ଲାଗିଛି। ଏବେ ବିଜେପିର ଓଡ଼ିଶାରୁ ଲୋକସଭାରେ ଯେତିକି ସଦସ୍ୟ ଅଛନ୍ତି ତାହା ୧୬ ନହୋଇ ୧କୁ ଖସିଆସିବ ବୋଲି ବରିଷ୍ଠ ନେତା ଦାମୋଦର ରାଉତ କହିଛନ୍ତି ବୋଲି ଖବରକାଗଜରେ ପ୍ରକାଶ ପାଇଛି। ଜଣେ ବରିଷ୍ଠ ନାଗରିକ ଭାବରେ ଏବଂ ରାଜନୀତି ସମ୍ପର୍କରେ ମୋର ଯେଉଁ କିଛି ଧାରଣା ରହିଛି ସେଥିରୁ ଦାମବାବୁଙ୍କ ବକ୍ତବ୍ୟ ମୋତେ ଠିକ୍ ଲାଗୁଛି। କାରଣ କିଛିଦିନ ତଳେ ମୋବାଇଲରେ ଟାଇମସ୍ ଅଫ ଇଣ୍ଡିଆ ନ୍ୟୁଜରେ ଗୋଟିଏ ଧାଡ଼ି ସମ୍ବାଦ ଦେଖିଥିଲି। ତାହା ଥିଲା-"ବିଗତ ଦିନର କଂଗ୍ରେସ ହାଇକମାଣ୍ଡ ଓ ଏବେର ବିଜେପିର ହାଇକମାଣ୍ଡ।" ଏ ସମ୍ପର୍କରେ ଆଉ ବିଶେଷ ସମ୍ବାଦ ମୋବାଇଲରେ ପାଇଲି ନାହିଁ। ମୁଁ ଭାବୁଛି ଏହି ଲେଖାଟିର ନିଷ୍କର୍ଷ ହେଉଛି କଂଗ୍ରେସ ହାଇକମାଣ୍ଡ କଂଗ୍ରେସକୁ ଯେଉଁସ୍ତରରେ ଆଣି ପହଞ୍ଚାଇ ଦେଇଛି ବିଜେପି ହାଇକମାଣ୍ଡ ବିଜେପିକୁ ଯେ ସେହି ସ୍ତରକୁ ନେଇ ନ ଯିବ କିଏ କହିବ? ଏହି ହାଇକମାଣ୍ଡ କଥା ଚିନ୍ତା କଲାବେଳେ ଓଡ଼ିଶା କଥା ବିଚାରକୁ ନିଆଯାଉ। କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଓଡ଼ିଶାରୁ ତିନିଜଣଙ୍କୁ ନିଆଯାଇଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ହାଇକମାଣ୍ଡ କହିବେ କି ଏହି ତିନିଜଣଙ୍କ ମଧ୍ୟରୁ କେତେଜଣ ରାଜ୍ୟବାସୀଙ୍କ ସିଧାସଳଖ ଭୋଟରେ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଛନ୍ତି ଓ ରାଜ୍ୟବାସୀ ବିଜେପିର କେତେଜଣଙ୍କୁ ସିଧାସଳଖ ଭୋଟ ଦେଇ ପାର୍ଲାମେଣ୍ଟକୁ ପଠାଇଛନ୍ତି! ଓଡ଼ିଶାବାସୀ ଯେଉଁମାନଙ୍କୁ ଭୋଟ ଦେଇ ପାର୍ଲାମେଣ୍ଟକୁ ପଠାଇଛନ୍ତି ସେମାନେ କ'ଣ ମନ୍ତ୍ରୀ ହେବା ପାଇଁ ଅଯୋଗ୍ୟ? ରାଜ୍ୟବାସୀଙ୍କ ଭୋଟର କ'ଣ କିଛି ମୂଲ୍ୟ ନାହିଁ? ଯଦି ରେଳବାଇ ମନ୍ତ୍ରୀ ଓଡ଼ିଶାର, ତେବେ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ପାଇଁ କିଏ? ସେ ତ' ୬ ବର୍ଷ କାଳ ବିହାରର ସେବା କଲେ, ଏବେ ମଧ୍ୟପ୍ରଦେଶର ସେବା କରୁଛନ୍ତି, ତେବେ ସେ ଓଡ଼ିଶାର ହେଲେ କେମିତି?

ଆମେ ଯାହା ଖବରକାଗଜରେ ପଢ଼ିଛୁ, କଂଗ୍ରେସ ହାଇକମାଣ୍ଡ ତୋଷାମଦ ଦ୍ୱାରା ରାଜ୍ୟଗୁଡ଼ିକୁ ପରିଚାଳନା କରୁଥିଲେ, ଲୋକଙ୍କ ଭୋଟର ମୂଲ୍ୟ କିଛି ସେମାନେ ଦେଖିପାରୁ ନ ଥିଲେ। ଯାହାର ଫଳ ହେଉଛି ଆଜିର କଂଗ୍ରେସର ଏ ଅବସ୍ଥା। ଏବେ ଓଡ଼ିଶା କଥା ଆଲୋଚନା କଲେ ସେଥିରୁ ବିଜେପି ହାଇକମାଣ୍ଡ ଯେପରି କଂଗ୍ରେସ ହାଇକମାଣ୍ଡ ଗୁଳାରେ ପଡ଼ିଯାଇଥିବା ପରି ଲାଗୁଛି। ଉତ୍ତର ପ୍ରଦେଶ ନିର୍ବାଚନରେ କାହାରି କୌଶଳ ନୁହେଁ ଯୋଗୀ ଆଦିତ୍ୟନାଥଙ୍କ ବ୍ୟକ୍ତିତ୍ୱ ହିଁ ବିଜେପିକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଯଦି କୌଶଳ କାମ କରୁଛି ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳ କ'ଣ ହେଲା। ଆମ ପ୍ରଧାନମନ୍ତ୍ରୀ କହିଁକି ଲୋକହସା ହେଲେ। ବିଜେପି ଓଡ଼ିଶାରେ ତାଙ୍କ ଦଳର ବିକାଶ କରିବାକୁ ଚାହିଁଲେ ରାଜ୍ୟବାସୀଙ୍କ ଭୋଟ ପ୍ରତି ଗୁରୁତ୍ୱ ଦେବାକୁ ପଡ଼ିବ। ରାଜ୍ୟରେ ତାଙ୍କ ଦଳର ପ୍ରକୃତ ଲୋକପ୍ରିୟ ନେତା କିଏ ଲୋକେ କାହାକୁ ମୁଖ୍ୟମନ୍ତ୍ରୀ ହେବା ଚାହାଁନ୍ତି, ତାହା ଟିକିନିଖି ତର୍ଜମା କରି ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବା ଆବଶ୍ୟକ, ଯେପରି ବିହାର ନିର୍ବାଚନ ପୂର୍ବରୁ ନିତିଶ କୁମାର ମୁଖ୍ୟମନ୍ତ୍ରୀ ହେବେ ବୋଲି ବିଜେପି ଘୋଷଣା କରିଥିଲା। ତାହାହେଲେ ଫଳାଫଳ ଭଲ ହୋଇପାରେ। ଯଦି କଂଗ୍ରେସ ହାଇକମାଣ୍ଡଙ୍କ ପରି ତୋଷାମଦଙ୍କୁ ଗ୍ରହଣ କରି ପ୍ରାର୍ଥୀ ଚୟନ କରାଯାଏ, ତାହା ବିଜେପି ପାଇଁ ଦିବାସ୍ୱପ୍ନ ହୋଇ ରହିବ। ବିଜେଡ଼ିକୁ ସମୁଦ୍ରକୁ ଫୋପାଡ଼ି ଦେବୁ, ଡ଼ବଲ ଇଞ୍ଜିନ, ପୋଡ଼ା ଟ୍ରାନ୍ସଫରମର, ଏସବୁର କିଛି ମାନେ ନାହିଁ।

ଲୋକେ ଜାଣିଛନ୍ତି ବିଜେଡ଼ିକୁ ଭୋଟ ଦେଲେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବେ। ହାଇକମାଣ୍ଡଙ୍କୁ ଲୋକ ଭୋଟ ଦେବେନାହିଁ। ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଦେଖି ଲୋକେ ଦଳକୁ ଭୋଟ ଦେଉଛନ୍ତି। ଉପରୁ ମୁଖ୍ୟମନ୍ତ୍ରୀ ଲଦିଦେବା ଆଉ ଲୋକେ ଚାହୁଁନାହାଁନ୍ତି। ଅବଶ୍ୟ ଏବେ ବିଜେଡ଼ି ସରକାର ପ୍ରତି ଲୋକଙ୍କର ବିମୁଖ ଭାବ ପ୍ରକାଶ ପାଉଛି। ଶାସନ ଥିବା ପରିକା ଲୋକ ଅନୁଭବ କରିପାରୁନାହାଁନ୍ତି। ମୋ ବସ୍, ମୋ ସାଇକେଲ, ମୋ ସରକାର ପରି ମୋ ଦୁର୍ନୀତି ରାଜ୍ୟରେ ଏତେ ବ୍ୟାପକ ହେଲାଣି ଯେ, ବିନା ଲାଞ୍ଚରେ କୌଣସି କାମ କରାଇବା ସମ୍ଭବ ହେଉନି। ଏପରିକି ତଳସ୍ତରର କର୍ମଚାରୀମାନେ ଉପରିସ୍ଥ ଅଧିକାରୀଙ୍କୁ ଖାତିର କରୁନାହାଁନ୍ତି କିମ୍ବା ଅଧିକାରୀମାନେ ତଳିଆ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେବାକୁ ସାହସ କରିପାରୁନାହାଁନ୍ତି। ଏ ନେଇ ମୁଁ ନିଜେ ଭୋଗୁଥିବା ଗୋଟିଏ ଘଟଣାର ଉଦାହରଣ ଦେଉଛି। କାମାକ୍ଷାନଗର (ଜିଲ୍ଲା-ଢେଙ୍କାନାଳ) ସିନିୟର ସିଭିଲ ଜଜ୍‌ଙ୍କ ରାୟ ଅନୁସାରେ ମୋର ଜଣେ ସମ୍ପର୍କୀୟ ତାଙ୍କ ପୈତୃକ ସମ୍ପତ୍ତିରୁ କିଛି ଜମି ପାଇବା କଥା ଓ ଅମିନ କମିଶନର ମଧ୍ୟ କେଉଁ କେଉଁ ପ୍ଲଟ ପାଇବେ ସେ ସମ୍ପର୍କରେ ରିପୋର୍ଟ ମଧ୍ୟ ଦେଇଛନ୍ତି। ସିଭିଲ ଜଜ୍‌ଙ୍କ ରାୟ ଅମିନ କମିଶନରଙ୍କ ରିପୋର୍ଟ ଭୁବନ (ଢେଙ୍କାନାଳ) ତହସିଲଦାରଙ୍କ ନିକଟରେ ଗତ ଦୁଇବର୍ଷରୁ ଅଧିକ କାଳ ହେଲା ଦାଖଲ କରାଯାଇଛି। ତାଙ୍କୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ଏବଂ ମୁଖ୍ୟମନ୍ତ୍ରୀ, ରାଜସ୍ୱ ସଚିବ ଏବଂ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ବାରମ୍ବାର ଜଣାଇବା ପରେ ମଧ୍ୟ ପଟ୍ଟା ମିଳିପାରୁନାହିଁ। ଗତ ତା୩୦.୦୩.୨୦୨୨ରିଖରେ ଶେଷଥର ପାଇଁ କଟକ ଜିପିଓରୁ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ ଓ ରାଜସ୍ୱ ସଚିବ ତା୩.୬.୨୨ରିଖରେ ଭୁବନେଶ୍ୱର ଜିପିଓରୁ ରାଜସ୍ୱ ସଚିବଙ୍କୁ ଏବଂ ଜିଲ୍ଲାପାଳଙ୍କୁ ତା'ର ନକଲ ପଠାଇବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ପଟ୍ଟା ମିଳିପାରିନାହିଁ। ସାଧାରଣ ଜନତା ଏବେ ଏ ପ୍ରକାର ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଓ କିଛି ବିକଳ୍ପ ଚାହୁଁଛନ୍ତି। ଏହା ବିଜେଡ଼ି ପାଇଁ ଏକ ସତର୍କ ଘଣ୍ଟି ହୋଇଥିବା ବେଳେ ବିଜେପି ପାଇଁ ଏକ ସୁଯୋଗ। ତେଣୁ ତେଲ ମାଲିସ ଓ ହାତ ଚିକ୍କଣଠାରୁ ଦୂରେଇ ରହି ବିଜେପି ଆସନ୍ତା ନିର୍ବାଚନ ପୂର୍ବରୁ ଲୋକ ଚାହୁଁଥିବା ନେତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଘୋଷଣା କଲେ ତାହାହେଲେ କିଛି ସମ୍ଭାବନା କଥା ଦେଇପାରେ। ନହେଲେ ବିଜେପିର ଏହି ଓଡ଼ିଶା ସ୍ୱପ୍ନ ଦେଖିବା ପାଇଁ ଆଉ ରାତି ନାହିଁ।

# ବୈଷ୍ଣୋଦେବୀ ମନ୍ଦିରର ଇତିହାସ ଓ ପୌରାଣିକ କଥା

ମା' ବୈଷ୍ଣୋଦେବୀଙ୍କ ବିଶ୍ୱପ୍ରସିଦ୍ଧ ଓ ପ୍ରାଚୀନ ମନ୍ଦିର ଆମ ଦେଶର ଜାମ୍ମୁ ଓ କାଶ୍ମୀର ରାଜ୍ୟର କଟରା ନଗର ନିକଟସ୍ଥ ପାହାଡ଼ ଶ୍ରେଣୀ ଉପରେ ଅବସ୍ଥିତ। ଏହି ପାହାଡ଼ଗୁଡ଼ିକୁ ତ୍ରିକୁଟା ପାହାଡ଼ କୁହାଯାଏ। ଏହି ସ୍ଥାନରୁ ପ୍ରାୟ ୫ହଜାର ୨ଶହ ଫୁଟ ଉଚ୍ଚରେ ମାତା ରାଣୀଙ୍କ ମନ୍ଦିର ଅବସ୍ଥିତ। ଏହା ଭାରତରେ ତିରୁମଲ୍ଲା ଭେଙ୍କଟେଶ୍ୱର ମନ୍ଦିର ପରେ ଦ୍ୱିତୀୟ ସର୍ବାଧିକ ଦର୍ଶନ କରାଯାଉଥିବା ଧାର୍ମିକ ତୀର୍ଥସ୍ଥଳ। ତ୍ରିକୁଟା ପାହାଡ଼ ଶ୍ରେଣୀ ଉପରେ ଅବସ୍ଥିତ ଏକ ଗୁମ୍ଫାରେ ମାତା ବୈଷ୍ଣୋଦେବୀଙ୍କ ସ୍ୱୟଂ ତିନି ମୂର୍ତ୍ତି ପୂଜା ପାଉଛନ୍ତି। ଦେବୀ କାଳୀ (ଡ଼ାହାଣ), ଦେବୀ ସରସ୍ୱତୀ (ବାମ) ଓ ଦେବୀ ଲକ୍ଷ୍ମୀ (ମଧ୍ୟ) ପିଣ୍ଡି ଭାବରେ ବିରାଜିତା। ଏହି ତିନି ପିଣ୍ଡିମାନଙ୍କର ସମ୍ମିଳିତ ରୂପକୁ ବୈଷ୍ଣୋଦେବୀ ମାତା କୁହାଯାଏ। ଏହି ସ୍ଥାନକୁ ମାତାଙ୍କ ଭବନ କୁହାଯାଏ। ଏହି ପବିତ୍ର ଗୁମ୍ଫାର ଲମ୍ବ ୯୮ଫୁଟ। ଏହି ଗୁମ୍ଫାରେ ଏକ ବଡ଼ ଉଚ୍ଚ ପିଣ୍ଡା ରହିଛି। ଏହି ପିଣ୍ଡା ଉପରେ ମାତାଙ୍କ ଆସନ ରହିଛି, ଯେଉଁଠି ଦେବୀ ତ୍ରିକୁଟା ନିଜ ମାତାଙ୍କ ସହିତ ବିରାଜମାନ ଅଛନ୍ତି। ମାତାଙ୍କ ଭବନ କହିଲେ, ଯେଉଁଠି ମାତା





ଭୈରବନାଥଙ୍କର ବଧ କରିଥିଲେ। ପୁରାତନ ଗୁମ୍ଫା ପାଖରେ ଭୈରବଙ୍କର ଶରୀର ରହିଛି ଓ ତାଙ୍କର ମୁଣ୍ଡ ଉଡ଼ି ଉଡ଼ି ତିନି କିଲୋମିଟର ଦୂର ଭୈରୋ ଘାଟୀରେ ପଡ଼ିଥିଲା ଏବଂ ଶରୀର ଏଠାରେ ରହିଗଲା। ଯେଉଁ ସ୍ଥାନରେ ମୁଣ୍ଡ ପଡ଼ିଲା, ଆଜି ସେହି ସ୍ଥାନ "ଭୈରୋନାଥ ମନ୍ଦିର" ନାମରେ ଜଣାଶୁଣା। କଟରାଠାରୁ ହିଁ ବୈଷ୍ଣୋଦେବୀଙ୍କ ପାଦ ବନ୍ଦନା ଆରମ୍ଭ ହୋଇ ଭବନ ପର୍ଯ୍ୟନ୍ତ ପ୍ରାୟ ୧୩ କିଲୋମିଟର ଓ ଭୈରୋ ମନ୍ଦିର ପର୍ଯ୍ୟନ୍ତ ୧୪.୫ କିଲୋମିଟର ପର୍ଯ୍ୟନ୍ତ ଶେଷ ହୋଇଥାଏ।

**ମନ୍ଦିରର ପୌରାଣିକ କାହାଣୀ:** ମନ୍ଦିର ସଂପର୍କରେ ଅନେକ ପ୍ରକାରର କଥା ପ୍ରଚଳିତ ରହିଛି। ଥରେ ତ୍ରିକୁଟ ପାହାଡ଼ ଉପରେ ଏକ ସୁନ୍ଦରୀ କନ୍ୟାକୁ ଦେଖି ଭୈରବନାଥ ତାକୁ ଧରିବା ପାଇଁ ଅଗ୍ରସର ହେଲେ। ହଠାତ୍ ସେହି କନ୍ୟା ବାୟୁ ରୂପରେ ପରିବର୍ତ୍ତିତ ହୋଇ ତ୍ରିକୁଟା ପର୍ବତ ଆଡ଼କୁ ଉଡ଼ି ଚାଲିଲେ। ଭୈରବନାଥ ମଧ୍ୟ ତାଙ୍କ ପଛରେ ଦୌଡ଼ିଲେ। କୁହାଯାଏ ଯେ, ସେତେବେଳେ ମାତାଙ୍କୁ ରକ୍ଷା କରିବା ପାଇଁ ସେଠାରେ ପବନ ପୁତ୍ର ହନୁମାନ ପହଞ୍ଚିଗଲେ। ସେତିକିବେଳେ ହନୁମାନଙ୍କୁ ଶୋଷ ଲାଗିବାରୁ ମାତା ତାଙ୍କ ପାଇଁ ଧନୁରେ ପାହାଡ଼ ଉପରକୁ ବାଣ ଚଳାଇ ଏକ ଜଳାଧାର ସୃଷ୍ଟି କଲେ ଓ ସେହି ଜଳରେ ନିଜର କେଶ ମଧ୍ୟ ଧୋଇଲେ। ତା'ପରେ ସେଠାରେ ଏକ ଗୁମ୍ଫାରେ ପ୍ରବେଶ କରି ମାତା ନଅ ମାସ ପର୍ଯ୍ୟନ୍ତ ତପସ୍ୟା କଲେ। ହନୁମାନ ତାଙ୍କୁ ଜଗି ରହିଲେ।

ପୁଣି ଭୈରବନାଥ ସେଠାରେ ପହଂଚି ଉତ୍ପାତ ଆରମ୍ଭ କଲେ। ଏହି ସମୟରେ ଜଣେ ସାଧୁ ଭୈରବନାଥଙ୍କୁ କହିଲେ, "ତୁ ଯାହାକୁ ଏକ କନ୍ୟା ଭାବୁଛୁ, ସେ ଆଦିଶକ୍ତି ଜଗଦମ୍ବା। ଏଣୁ ସେହି ମହାଶକ୍ତିଙ୍କ ପିଛା ଛାଡ଼ିଦେ!" ମାତ୍ର ଭୈରବନାଥ ସାଧୁଙ୍କ କଥା ମାନିଲେ ନାହିଁ। ତେବେ ମାତା ଗୁମ୍ଫାର ଅନ୍ୟ ଏକ ରାସ୍ତାରେ ବାହାରିଗଲେ। ଏହି ଗୁମ୍ଫା ଆଜି ମଧ୍ୟ ଅର୍ଦ୍ଧ କୁମାରୀ ବା ଆଦି କୁମାରୀ ନାମରେ ପ୍ରସିଦ୍ଧ। ଅର୍ଦ୍ଧ କୁମାରୀ ପୂର୍ବରୁ ମାତାଙ୍କ ଚରଣ ପାଦୁକା ମଧ୍ୟ ଏଠାରେ ରହିଛି, ମାତା ଦୌଡ଼ି ଦୌଡ଼ି ମୁହଁ ବୁଲେଇ



କଲେ ଓ ସେ ମାତାଙ୍କଠାରୁ କ୍ଷମା ଭିକ୍ଷା କଲେ। ମାତା ବୈଷ୍ଣୋଦେବୀ ଜାଣିଥିଲେ ଯେ, ତାଙ୍କ ଉପରେ ଆକ୍ରମଣ କରିବା ପଛରେ ଭୈରବଙ୍କର ପ୍ରମୁଖ ଅଭିପ୍ରାୟ ଥିଲା ମୋକ୍ଷ ପ୍ରାପ୍ତି। ସେ ଭୈରବଙ୍କୁ କେବଳ ପୁନର୍ଜନ୍ମ ଚକ୍ରରୁ ମୁକ୍ତି ପ୍ରଦାନ ନୁହେଁ, ବରଂ ତାକୁ ବରଦାନ ଦେଇ କହିଲେ, "ମୋର ଦର୍ଶନ ସେପର୍ଯ୍ୟନ୍ତ ସଫଳ ହେବନି, ଯେପର୍ଯ୍ୟନ୍ତ କୌଣସି ଭକ୍ତ ମୋ ପରେ ତୁମର ଦର୍ଶନ କରିବେ ନାହିଁ!"

**ମନ୍ଦିରର କଥା:** ଉପରୋକ୍ତ କଥାକୁ ବୈଷ୍ଣୋଦେବୀଙ୍କ ଭକ୍ତ ଶ୍ରୀଧର ସଂପର୍କରେ ଦେଖାଯାଇପାରେ। ସାତ ଶହରୁ ଅଧିକ ବର୍ଷ ତଳେ କଟରାରୁ କିଛି ଦୂରରେ ଅବସ୍ଥିତ ହଂସାଳୀ ଗାଁରେ ମା' ବୈଷ୍ଣୋଦେବୀଙ୍କ ପରମ ଭକ୍ତ ଶ୍ରୀଧର ରହୁଥିଲେ। ସେ ନିଃସନ୍ତାନ ଓ ଦରିଦ୍ର ଥିଲେ। ସେ ପ୍ରାୟ ଭାବୁଥିଲେ, ଦିନେ ସେ ମାତାଙ୍କ ପୂଜା ରଖିବ। କିଛିଦିନ ପରେ ଶ୍ରୀଧର ଆଖପାଖର ସବୁ ଗାଁ ଲୋକଙ୍କୁ ପ୍ରସାଦ ଗ୍ରହଣ କରିବା ପାଇଁ ନିମନ୍ତ୍ରଣ କଲେ। ପୂଜା ଦିନ ଶ୍ରୀଧର ଘର ଘର ବୁଲିଲେ, ଯେପରି କିଛି ଭୋଜନ ସାମଗ୍ରୀ ମିଳିବ ଓ ସେଥିରେ ଭକ୍ତମାନଙ୍କୁ ସେ ପ୍ରସାଦ ଖୁଆଇ ପାରିବେ। ଯେତିକି ଲୋକେ ତାଙ୍କୁ ସାହାଯ୍ୟ ଦେଲେ, ତାହାଠାରୁ ବହୁ ଅଧିକ ଭକ୍ତ ସେଠାରେ ପହଂଚିଗଲେ। ଏତେ କମ୍ ସାମଗ୍ରୀରେ ସମସ୍ତଙ୍କ ପାଇଁ ଭୋଜନ କିପରି ପ୍ରସ୍ତୁତ ହେବ ବୋଲି ସେ ଘୋର ଚିନ୍ତିତ ଥିଲେ। ପୂଜା ପୂର୍ବ ଦିନ ଏକଥା ଭାବି ଶ୍ରୀଧର ଟିକେ ବି ଶୋଇ ପାରିଲେ ନାହିଁ। ତଥାପି ମାତାଙ୍କ ଉପରେ ତାଙ୍କର ବିଶ୍ୱାସ ଥିଲା। ସେ ତାଙ୍କର ଝିଅକୁ ...



ଏହାର ଅନେକ ଦିନ ପରେ ସେହି ଛୋଟ ଝିଅ ସଂପର୍କରେ ଶ୍ରୀଧର ସ୍ୱପ୍ନରେ ଜାଣିଲେ ଯେ, ସେହି ଝିଅଟି ସ୍ୱୟଂ ବୈଷ୍ଣୋଦେବୀ ଅଟନ୍ତି। ମାତାଙ୍କ ରୂପରେ ଆସିଥିବା କନ୍ୟା ତାଙ୍କୁ ଗୁମ୍ଫା ସଂପର୍କରେ କହିଲେ ଓ ୪ ପୁତ୍ରଙ୍କ ବରଦାନ ସହିତ ଆଶୀର୍ବାଦ ଦେଲେ। ଶ୍ରୀଧର ପୁଣି ଥରେ ଖୁସି ହୋଇଗଲେ ଓ ଗୁମ୍ଫାର ଅନୁସନ୍ଧାନରେ ବାହାରି ପଡ଼ିଲେ। ଏହାର କିଛିଦିନ ପରେ ତାଙ୍କୁ ସେହି ଗୁମ୍ଫା ମିଳିଗଲା। ସେବେଠାରୁ ସେଠାରେ ମାତାଙ୍କ ଦର୍ଶନ ପାଇଁ ଭକ୍ତ ଓ ଶ୍ରଦ୍ଧାଳୁ ଯିବାରେ ଲାଗିଲେ।

**ବୈଷ୍ଣୋଦେବୀଙ୍କ ମନ୍ଦିର ପର୍ଯ୍ୟନ୍ତ କିପରି ଯିବେ:-(୧) ଆକାଶ ପଥ:** କାତ୍ରା ନିକଟରୁ ହେଲିକପ୍ଟର ଯୋଗେ ମାତ୍ର ୯.୫ କି.ମି. ଅତିକ୍ରମ କଲାପରେ ମାତାଙ୍କ ପୀଠ ରହିଛି। ଏଥିସହିତ କାତ୍ରାଠାରୁ ଅର୍ଦ୍ଧକୁମାରୀ ଦେଇ ମାତାଙ୍କ ପୀଠରେ ପହଂଚିହେବ। ଏହାବ୍ୟତୀତ ମାତାଙ୍କ ପୀଠରେ ପହଂଚିବାକୁ ଅନ୍ୟାନ୍ୟ ପଥ ରହିଛି।

# ମହିଳାଙ୍କ ପାଇଁ ପ୍ରେରଣା ସାଜିଛନ୍ତି ଦିବ୍ୟାଙ୍ଗ ବାସନ୍ତୀ



ଧର୍ମଶାଳା (ପିଏନ୍): ଭିନ୍ନକ୍ଷମ ହୋଇ ମଧ୍ୟ ସକ୍ଷମଙ୍କଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି ଦିବ୍ୟାଙ୍ଗ ମହିଳା ବାସନ୍ତୀ ରଣା। ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ ପଞ୍ଚାୟତ ଦେଉଳିପାଳ ଗ୍ରାମର ତପନ କୁମାର ପାଢ଼ୀଙ୍କ ପତ୍ନୀ ବାସନ୍ତୀ (୩୮) ସିଲେଇ ଶିକ୍ଷା ଦେଇ ନିଜେ ଆତ୍ମନିର୍ଭରଶୀଳ ହେବାସହିତ ଅନ୍ୟ ମହିଳା ଓ ଯୁବତୀମାନଙ୍କୁ ସ୍ୱାବଲମ୍ବୀ କରାଇ ପାରିଛନ୍ତି। ନିଜର ଦୃଢ଼ ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସ ବଳରେ ଅନ୍ୟ ମହିଳାମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ପିଲାବେଳୁ ପୋଲିଓରେ ଆକ୍ରାନ୍ତ ହୋଇ ଦିବ୍ୟାଙ୍ଗ ହୋଇଯାଇଥିଲେ। ନିଜ ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବାରୁ ସେ ସିଲେଇ ବୃତିକୁ ଆପଣେଇ ନେଲେ। ବାସନ୍ତୀ ପ୍ରଥମେ ନିଜ ଘରେ (ଧର୍ମଶାଳା ମହିଳା ମହାବିଦ୍ୟାଳୟ ନିକଟ) ଏବଂ ପରେ ଜାରକା ପଣ୍ଡୁଆରେ ଏକ ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଖୋଲିଛନ୍ତି। ୨୦୧୧ରୁ ଆରମ୍ଭ ହୋଇଥିବା ତାଙ୍କ ହାତଗଢ଼ା ଜୟମା' ଦୁର୍ଗା ଟେଲରିଂ ଇନଷ୍ଟିଚ୍ୟୁଟ୍‌ରେ ଏବେ ୨୦ ଜଣ ମହିଳା ଓ ଯୁବତୀ ସିଲେଇ ଶିକ୍ଷା ନେଉଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣ ମହିଳା ଜାରକା ବଜାରରେ ସିଲେଇ ଦୋକାନ କରି ନିଜ ପରିବାର ପ୍ରତିପୋଷଣ କରିପାରୁଛନ୍ତି। ଗୋଟିଏ ମେସିନ୍‌ରୁ ସିଲେଇ ଶିକ୍ଷା ଆରମ୍ଭ କରିଥିବା ବାସନ୍ତୀ ହଜାରରୁ ଅଧିକ ଯୁବତୀ ଓ ମହିଳାମାନଙ୍କୁ ସିଲେଇ ଶିକ୍ଷା ପ୍ରଦାନ କରିସାରିଲେଣି। ତାଙ୍କ ସିଲେଇ କେନ୍ଦ୍ରରେ ମହିଳାମାନଙ୍କ ବିଭିନ୍ନ ପୋଷାକ, ସ୍କୁଲ୍ ପିଲାଙ୍କ ୟୁନିଫର୍ମ ଓ ବିଭିନ୍ନ ଡିଜାଇନ୍‌ର ଡ୍ରେସ୍ ଉପକରଣ ପ୍ରସ୍ତୁତ କରାଯାଇ ବଜାରକୁ ଛଡାଯାଉଛି। ଯାହାକି ଗ୍ରାହକମାନଙ୍କ ପାଇଁ ପସନ୍ଦଯୋଗ୍ୟ ହୋଇପାରୁଛି। ସ୍ଥାନୀୟ ଅଞ୍ଚଳରେ ଘରେ ବସି ରହିଥିବା ଅନେକ ଯୁବତୀ ଏଠାରେ ପ୍ରଶିକ୍ଷଣ ନେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ପ୍ରଶିକ୍ଷଣ ନେଉଥିବା ମହିଳା ଓ ଯୁବତୀମାନେ ବାସନ୍ତୀଙ୍କ ଭଳି ପ୍ରଶିକ୍ଷକ ପାଇ ବେଶ୍ ଗର୍ବ ମଧ୍ୟ ଅନୁଭବ କରୁଛନ୍ତି। ସିଲେଇ ଶିକ୍ଷାକୁ ବାଦ୍ ଦେଲେ ଘରେ ରୋଷେଇ, ପୂଜାପାଠ ଅବା ଅନ୍ୟସବୁ କାର୍ଯ୍ୟରେ ସେ ବେଶ୍ ନିପୁଣା। ବାସନ୍ତୀଙ୍କ ଇଚ୍ଛାଶକ୍ତି ଆଗରେ ସମସ୍ତ ପ୍ରତିବନ୍ଧକ ହାର ମାନିଛି। ଭବିଷ୍ୟତରେ ସେ ଆହୁରି ଅଧିକ ମହିଳାମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ସ୍ୱାବଲମ୍ବୀ କରିବାକୁ ଲକ୍ଷ୍ୟ ରଖିଛନ୍ତି। ବାସନ୍ତୀଙ୍କ ଏହି ସଫଳତା ପାଇଁ ବିଭିନ୍ନ ଅନୁଷ୍ଠାନ ତାଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ଭାରତର ରାଷ୍ଟ୍ରପତି ପ୍ରଣବ କୁମାର ମୁଖାର୍ଜୀ, ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁ, ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ରାଜ୍ୟର ବହୁ ମନ୍ତ୍ରୀ ଓ ବିଧାୟକ ମଧ୍ୟ ତାଙ୍କୁ ପୁରସ୍କୃତ କରିଛନ୍ତି। ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ମହିଳାମାନେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି। ତାଙ୍କର ଲକ୍ଷ୍ୟ ପ୍ରତ୍ୟେକ ମହିଳା ନିଜ ଗୋଡ଼ରେ ଠିଆ ହୁଅନ୍ତୁ ଏବଂ ନିଜର ପରିବାରର ବୋଝ ଉଠାନ୍ତୁ। ମହିଳାମାନେ ନିଜ ପରିବାରର ଦୁର୍ବଳ ଆର୍ଥିକ ସ୍ଥିତିକୁ ବଦଳାଇ ପାରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରନ୍ତି। ଏସବୁ ସଂଘର୍ଷ ଭିତରେ ଏପର୍ଯ୍ୟନ୍ତ ତାଙ୍କୁ କୌଣସି ସରକାରୀ ସହାୟତା ମିଳିନଥିବା ସେ କୁହନ୍ତି। ଶାଶୁ, ଶ୍ୱଶୁର, ସ୍ୱାମୀ, ପୁଅ ଓ ଝିଅଙ୍କୁ ନେଇ ତାଙ୍କ ସଂସାର। ଘରୋଇ ବ୍ୟାଙ୍କ୍‌ରୁ ଋଣ କରି ସେ ସିଲେଇ କେନ୍ଦ୍ର ଓ ରହିବା ପାଇଁ ଘର କରିଛନ୍ତି। ଠିକ୍ ସମୟରେ କିସ୍ତି ପୈଠ କରି ନ ପାରିଲେ ଫାଇନାନ୍ସ ସଂସ୍ଥା ଋଣ ଟଙ୍କା ଆଦାୟ କରିବାପାଇଁ ଜୁଲମ୍ କରୁଛି। ସେହିପରି ଯିବା ଆସିବା ପାଇଁ ତାଙ୍କୁ ସବୁବେଳେ ଅଟୋରିକ୍ସା ଉପରେ ନିର୍ଭର କରିବାକୁ ପଡୁଛି। ଏଥିପାଇଁ ସେ ବହୁ ଅର୍ଥ ଦଣ୍ଡ ଗଣୁଛନ୍ତି। ତାଙ୍କୁ ଏକ ଚାରିଚକିଆ ସ୍କୁଟର ମିଳିଲେ ସେ ନିଜ ସ୍ୱାଧୀନରେ ଯାତାୟାତ କରିପାରନ୍ତେ ବୋଲି ବାସନ୍ତୀ ଆଶା ରଖିଛନ୍ତି।

# ଯୁବକମାନେ ହିଁ ଦେଶ ପ୍ରଗତିର ସାରଥୀ




ଭୁବନେଶ୍ୱର (ପିଏନ୍): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର, ଖୋର୍ଦ୍ଧା ପକ୍ଷରୁ ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜାଦି କା ଅମୃତ ମହୋତ୍ସବ ଉପଲକ୍ଷେ ଏକ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ କାର୍ଯ୍ୟକ୍ରମ ଭୁବନେଶ୍ୱର ଉପକଣ୍ଠ ମଦନପୁରସ୍ଥିତ ନିସ୍ ଇଞ୍ଜିନିୟରିଂ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଯୁବକମାନେ ହିଁ ଦେଶ ପ୍ରଗତିର ସାରଥୀ। ଏମାନେ ହେଉଛନ୍ତି ଦେଶର ମେରୁଦଣ୍ଡ। ଯୁବକମାନେ ଜାତୀୟତାର ମହାନ୍ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହୋଇ ଦେଶମାତୃକାର ସେବାରେ ବ୍ରତୀ ହେବାନିମନ୍ତେ ଦୃଢ଼ ମନୋବଳ ଓ ପ୍ରୟାସ ରହିବା ଉଚିତ୍ ବୋଲି ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମତ ପ୍ରକାଶ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ରୂପେ ଏନ୍‌ସିଏସ୍‌ସିଡ଼ିଏର ପୂର୍ବତନ ସହ-ନିର୍ଦ୍ଦେଶକ ରାମକିଶୋର ଶର୍ମା, ସମ୍ମାନିତ ଅତିଥି ରୂପେ ନେହେରୁ ଯୁବକେନ୍ଦ୍ରର ଉପନିର୍ଦ୍ଦେଶକ ବିମଳ ପାଟ୍ରିକ୍ ଶାହା, ନିସ୍ ଅନୁଷ୍ଠାନର ଉପନିର୍ଦ୍ଦେଶକ ଡଃ ଦୁଷ୍ମନ୍ତ ପଟ୍ଟନାୟକ, ଅନ୍ତର୍ଜାତୀୟ ରଗବୀ ଖେଳାଳି ରାଜକିଶୋର ମୁର୍ମୁ, ସୁମିତ୍ରା ନାୟକ, ୟୁଥ୍ ଆଇକନ୍ ଅନିଲ୍ ପ୍ରଧାନ, ଚନ୍ଦ୍ରଶେଖର ପାଲ୍, ଯୁବ ଅଧିକାରୀ ବିପିନ୍ କୁମାର ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବରେ ଯୁବକ, ଯୁବତୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ କରି ପରସ୍ପର ଭିତରେ ଭାଇଚାରା, କଳା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ପ୍ରୟାସ କରିଥିଲେ। ଏହି ଅବସରରେ ଚିତ୍ରକଳା, ତର୍କ, କବିତା, ଫଟୋଗ୍ରାଫି ଇତ୍ୟାଦି ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ଉପସ୍ଥିତ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ନେହେରୁ ଯୁବକେନ୍ଦ୍ର ପକ୍ଷରୁ କୁଳମଣି ମଲ୍ଲିକ, ଶୁଭେନ୍ଦ୍ର ନାଥ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱାମୀ ଆଗରେ ସ୍ତ୍ରୀଙ୍କୁ ଗଣଦୁଷ୍କର୍ମ

ବାଲେଶ୍ୱର (ପିଏନ୍)-ସ୍ୱାମୀକୁ ମାଡ଼ମାରି ସ୍ତ୍ରୀଙ୍କୁ ବଳପୂର୍ବକ ଗଣଦୁଷ୍କର୍ମ କରିବା ଘଟଣା ସବୁ ସୀମା ଲଙ୍ଘି ଯାଇଛି। ଏହାସହିତ ଅଭିଯୁକ୍ତମାନେ ୧୦ ହଜାର ଟଙ୍କା ନେଇ ଫେରାର ହୋଇ ଯାଇଛନ୍ତି। ସହଦେବ ଖୁଣ୍ଟା ଥାନା ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଅଭିଯୋଗ ଅନୁଯାୟୀ ଟାଉନ୍‌ଥାନା ଅନ୍ତର୍ଗତ ଚୂନଭାଟି ଅଞ୍ଚଳରେ ଏକ ଦମ୍ପତି ନିଜର ଜଣେ ସମ୍ପର୍କୀୟଙ୍କୁ ଛାଡ଼ିବାପାଇଁ ବାଲେଶ୍ୱର ରେଳଷ୍ଟେସନକୁ ଯାଇଥିଲେ। ସଂପର୍କୀୟଙ୍କୁ ଛାଡ଼ି ଘରକୁ ଫେରିବା ବାଟରେ ଅରଡ଼ ବଜାର ନିକଟରେ କିଛି ଯୁବକ ସେମାନଙ୍କୁ ଅଟକାଇ ଥିଲେ। ସେଠାରୁ ତାଙ୍କଠାରୁ ସୁନାଚେନ ଛିଣ୍ଡାଇ ନେଇଥିଲେ। ସେମାନଙ୍କୁ ମସଜିତ ଗଳି ଆଡ଼କୁ ଟାଣିନେଇ ମହିଳାଙ୍କୁ ଗଣଦୁଷ୍କର୍ମ କରିଥିବା ସ୍ୱାମୀ ଅଭିଯୋଗ କରିଛନ୍ତି। ସହଦେବଖୁଣ୍ଟା ପୁଲିସ୍ ଏହି ଅଭିଯୋଗରେ ମାମଲା ରୁଜୁକରି ସୋନୁ ସିଂ ନାମକ ଜଣେ ଯୁବକ ଓ ତାର ୫ ଜଣ ସହଯୋଗୀଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଇଛି। ଏ ବାବଦରେ କେସ ନଂ. ୩୬୦/୨୨ରେ ମାମଲା ରୁଜୁ କରାଯିବା ସହ ତଦନ୍ତ ଜାରି ରହିଛି। ୬ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣ ନାବାଳକ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

# ଗୋରୁ ବୋଝେଇ କଂଟେନର ଜବତ, ୪୫ ଗୋରୁ ଉଦ୍ଧାର

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ବ୍ରାହ୍ମଣୀ ବ୍ରିଜ ନିକଟରୁ ଗୋସୁରକ୍ଷା ସଙ୍ଗଠନ ଦ୍ୱାରା ଧରାଯାଇଥିବା ଏକ ଗୋରୁ ବୋଝେଇ କଂଟେନରକୁ ପୁଲିସ ଜବତ କରିବା ସହ ଏଥିରେ ଚାଲାଣ ହେଉଥିବା ୪୫ଟି ଗୋରୁଙ୍କୁ ଉଦ୍ଧାର କରି ଗ୍ରାମବାସୀଙ୍କ ଜିମା ଦେଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲାରୁ ଓଆର-୦୨-ଏପି-୭୨୮୪ ନଂ. କଂଟେନର ଗାଡିରେ ୪୫ଟି ଗୋରୁ ବୋଝେଇ କରି କଲିକତା ଅଭିମୁଖେ ଯାଉଥିବା ବେଳେ ଭୁବନେଶ୍ୱର ଅଂଚଳର ଏକ ଗୋସୁରକ୍ଷା ସଙ୍ଗଠନର ସଦସ୍ୟମାନେ ଗାଡିର ପିଛା କରିଥିଲେ। ଭୁବନେଶ୍ୱରରୁ ଗୋରୁ ବୋଝେଇ କଂଟେନରର ପିଛାକରି ରାତି ପ୍ରାୟ ୨ଟା ସମୟରେ ଧର୍ମଶାଳା ଥାନା ବ୍ରାହ୍ମଣୀ ବ୍ରିଜ ନିକଟରେ ଗାଡିକୁ ଅଟକାଇଥିଲେ। ତେବେ କଂଟେନର ଗାଡିକୁ ଏସକର୍ଟ କରି ନେଉଥିବା ଏକ ବୋଲେରୋ ଗାଡିରୁ କିଛି ଯୁବକ ବାହାରି ଗୋସୁରକ୍ଷା ସଦସ୍ୟଙ୍କ ସହିତ ଯୁକ୍ତିତର୍କ କରିଥିଲେ। ରାସ୍ତା ଉପରେ ଗୋଚାଲାଣକୁ ନେଇ ଯୁକ୍ତିତର୍କ ଲାଗିଥିବା ନେଇ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଧର୍ମଶାଳା ପୁଲିସ ସେଠାରେ ପହଁଚିବା ସମୟରେ ବୋଲେରୋ ସମେତ କଂଟେନରର ଡ୍ରାଇଭର ଓ ହେଲପର ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପରେ ପୁଲିସ ଏକ ହାଇଡ୍ରା ଗାଡି ସହାୟତାରେ କଂଟେନର ଗାଡିକୁ କୁଆଖିଆ ଥାନା ରାଜେନ୍ଦ୍ରପୁର ଅଂଚଳକୁ ନେଇ ସେଠାରେ ଗୋରୁଙ୍କୁ ଗାଡିରୁ ବାହାର କରି ସ୍ଥାନୀୟ ଲୋକମାନଙ୍କ ଜିମ୍ମା ଦେଇଥିଲେ। ପୁଲିସ କଂଟେନର ଗାଡିକୁ ଜବତ କରିବା ସହ ଏନେଇ ୫୨୦/୨୨ରେ ଏକ କେଶ ରୁଜୁକରି ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

# କଲ୍ୟାଣ ମଣ୍ଡପର ଶିଳାନ୍ୟାସ, ଗ୍ରାମୀଣ ବଜାର ଉଦ୍‌ଘାଟିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଦ୍ୱାରା ଥାନୁଆଳ ପଞ୍ଚାୟତ କଲ୍ୟାଣ ମଣ୍ଡପର ଶିଳାନ୍ୟାସ ଓ ଆନନ୍ଦ ବଜାର ମାର୍କେଟ୍ କଂପ୍ଲେକ୍ସ ଉଦ୍‌ଘାଟିତ ହୋଇଛି। ୪୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା କଲ୍ୟାଣ ମଣ୍ଡପର ଶିଳାନ୍ୟାସ କରିବା ସହ ୧୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଗ୍ରାମୀଣ ବଜାରକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ସମିତି ସଭ୍ୟ ପ୍ରସନ୍ନ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଥାନୁଆଳ ସରପଞ୍ଚ ନର୍ମଦା ସ୍ୱାଇଁ, ସମିତିସଭ୍ୟା ସାଗରିକା ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଡ. ପ୍ରିୟନାଥ ମହାପାତ୍ର, ନିରଂଜନ ରାଉତ, ପୂର୍ବତନ ଉପାଧ୍ୟକ୍ଷ ନିରଂଜନ ବଳ, ବିଜେଡ଼ି ନେତା ଶ୍ରୀନିବାସ ଜେନା, ବିକ୍ରମ ବିଶ୍ୱାଳ, ଦିଲୀପ କୁମାର ଜେନା, ଶରତ ବେହେରା, ପ୍ରତାପ କୁମାର ଜେନା, ବିଜୟ କୁମାର ପଣ୍ଡା, ରାଜେଶ ଦୋରା ଓ ପ୍ରକାଶ ଜେନା ଯୋଗ ଦେଇଥିଲେ।




**ଭୁବନେଶ୍ୱର, ୨୦୨୪, ଜାନୁଆରୀ ୨୨**

# ନିଆରା ଜନନେତା ନଳିନୀକାନ୍ତ ମହାନ୍ତି


ହିମାଂଶୁ ଶେଖର ଆଚାର୍ଯ୍ୟ

ରାଜନୀତିରେ ଆସିଛି ଏବେ ନୂଆ ପରିବ ର୍ନ । ତା ସହିତ ପରିବ ର୍ତ ହେଉଛି ବ୍ୟକ୍ତି ଓ ବ୍ୟକ୍ତି ଚରିତ୍ରର । ଦିନକୁ ଦିନ ରାଜନେତାଙ୍କ ସଂଖ୍ୟା ବଢିବାରେ ଲାଗିଛି ଓ ଜନନେତାଙ୍କ ସଂଖ୍ୟା କମିବାରେ ଲାଗିଛି । ମାତ୍ର ଯେଉଁ କେତେଜଣ ରାଜନେତା ନିଜର କାର୍ଯ୍ୟକୁଶଳତା ଏବଂ ଆଦର୍ଶ ବଳରେ କାଳଜୟୀ ହୋଇପାରିଛନ୍ତି ତନ୍ମଧ୍ୟରୁ ଜଣେ ହେଉଛନ୍ତି ବିଶିଷ୍ଟ ଜନନେତା ତଥା ପୂର୍ବତନ ମନ୍ତ୍ରୀ ନଳିନୀକାନ୍ତ ମହାନ୍ତି । ତାଙ୍କର ସ୍ମୃତିଚାରଣ ସହ ତାଙ୍କ କଥା ଓ ଗାଥାକୁ ଉ ରପିଢି ପାଖରେ ପହ ାଇବା ଏହି କ୍ଷୁଦ୍ର ଆଲେଖ୍ୟର ଉଦ୍ଦେଶ୍ୟ ।

ଏହି ନିଆରା ଜନନେତା ଜନ୍ମଗ୍ରହଣ କରିଥିଲେ ୧୯୪୯ ମସିହା ଜାନୁଆରୀ ୨୦ ତାରିଖରେ ବ ର୍ମାନର କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ୍‌ର ବନ୍ଧପଡା ପ ୟତ ଅନ୍ତର୍ଗତ ଫିରିକିଦାଣ୍ଡ ଗ୍ରାମରେ । ତାଙ୍କ ପିତାଙ୍କ ନାମ ମାୟାଧର ମହାନ୍ତି ଓ ମାତାଙ୍କ ନାମ ଜୀବନଦେବୀ ମହାନ୍ତି । ବାଲ୍ୟ ଅବସ୍ଥାରେ ନିଜ ଗ୍ରାମରୁ ପ୍ରାଥମିକ ଶିକ୍ଷା ଶେଷ କରିବା ପରେ ମଦନପୁର ମଧ୍ୟ ଇଂରାଜୀ ବିଦ୍ୟାଳୟରୁ ୭ମ ଶ୍ରେଣୀ, ୧୯୬୫ ମସିହାରେ



ପଟ୍ଟାମୁଣ୍ଡାଇ ମନ୍ମଥନାଥ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍, ୧୯୬୯ରେ କଟକ ଖ୍ରୀଷ୍ଟ ମହାବିଦ୍ୟାଳୟରୁ ସ୍ନାତକ ଓ ୧୯୭୧ ମସିହାରେ କଟକ ମଧୁସୁଦନ ଆଇନ ମହାବିଦ୍ୟାଳୟରୁ ଏଲ୍‌ଏଲ୍‌ବି ଡିଗ୍ରୀ ସଫଳତାର ସହ ଉ ର୍ଣ୍ଣ ହୋଇଥିଲେ । ୧୯୬୯ ମସିହାରେ ଛାତ୍ର ରାଜନୀତିରେ ପାଦ ଥାପିଥିବା ନଳିନୀକାନ୍ତ ମହାନ୍ତି ପରବ ୀ ସମୟରେ ନିଜକୁ ଜଣେ ଆଗଧାଡିର ରାଜନେତା ଭାବେ ପ୍ରତିଷ୍ଠିତ କରିପାରିଥିଲେ । ଏହା ପଛରେ ଥିଲା ତାଙ୍କ ନିରବଛିନ୍ନ ପ୍ରୟାସର ଫଳ । ଏକାଧାରରେ ସେ ଥିଲେ ଜଣେ ଅନନ୍ୟ ରାଜନୀତିଜ୍ଞ, ସୁସଂଗଠକ ସର୍ବୋପରି ସାଧାରଣ ଜନତାର ସୁଖଦୁଃଖରେ ଭାଗିଦାର ହେଉଥିବା ଜଣେ ଦରଦୀ ମଣିଷ । ସେଥିପାଇଁ ଅଶେଷ ଲୋକପ୍ରିୟତାର ଅଧିକାରୀ ହୋଇପାରିଥିଲେ ସେ । ତାଙ୍କ ପାଇଁ ମାଟି ଓ ମାଟିର ମଣିଷ ଥିଲେ ସବୁକିଛି । ଗର୍ବ ଓ ଅହଙ୍କାର ତାଙ୍କୁ ଛୁଇଁପାରିନଥିଲା । ସେଥିପାଇଁ ନିଜ ନିର୍ବାଚନ ମଣ୍ଡଳୀରେ ତାଙ୍କୁ "ମାଟି ରାଜା" ବୋଲି କୁହାଯାଉଥିଲା । ଖାଲି ସେତିକି ନୁହେଁ, ବିଧାନସଭା ଭିତରେ ଓ ବାହାରେ ସମସ୍ତଙ୍କର ସେ ପ୍ରିୟପାତ୍ର ଥିଲେ । ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତଃ ।

ନଳିନୀକାନ୍ତ ମହାନ୍ତିଙ୍କ ରାଜନୈତିକ ଜୀବନ ବେଶ୍ ଚଳଚ ଳ ଓ ଘଟଣାବହୁଳ ଥିଲା । ୧୯୭୭ ରୁ ୨୦୦୯ ମସିହା ପର୍ଯ୍ୟନ୍ତ ତିନି ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ସେ ଓଡିଶା ରାଜନୀତିରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହୋଇପାରିଥିଲେ । ଜଣେ ଉଚ୍ଚକୋଟୀର ସଂଗଠକ ଭାବେ ସେ ବେଶ୍ ଜଣାଶୁଣା ଥିଲେ । ସେଥିପାଇଁ ବିଭିନ୍ନ ସମୟରେ ସେ ସଂଗଠନର ଦାୟିତ୍ୱକୁ ସଫଳତାର ସହ ତୁଲାଇଥିଲେ । ସମ୍ପାଦକ ଭାରତୀୟ ଲୋକଦଳ ଯୁବ ଜନତା ପାର୍ଟି. ସଭାପତି ଯୁବ ଲୋକଦଳ, ଯୁବ ଜନତା ଦଳ, ସଭ୍ୟ ସର୍ବଭାରତୀୟ ଜନତା ପରିଷଦ ଭାବରେ କାର୍ଯ୍ୟକରି ନିଜର ବିଚକ୍ଷଣ ସାଂଗଠନିକ ଦକ୍ଷତାର ପରିଚୟ ଦେଇଥିଲେ । ୧୯୭୭ ରୁ ୨୦୦୯ ପର୍ଯ୍ୟନ୍ତ ରାଜନଗର ନିର୍ବାଚନ ମଣ୍ଡଳୀରୁ ନିରବଚ୍ଛିନ୍ନ ଭାବେ ସେ ସାତଥର ବିଧାନସଭାକୁ ନିର୍ବାଚିତ ହେବା ସହ ଦୁଇଥର କ୍ୟାବିନେଟ୍ ମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିଥିଲେ । ୧୯୯୦ ମସିହାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀ ମଣ୍ଡଳରେ ସେ ଗୁରୁତ୍ୱପୂର୍ଣ୍ଣ ପୂ ର୍ ଓ ନଗର ଉନ୍ନୟନ ମନ୍ତ୍ରୀ ଥିବାବେଳେ ୨୦୦୦ ମସିହାରେ ନବୀନ ପଟ୍ଟନାୟକଙ୍କ ମନ୍ତ୍ରୀ ମଣ୍ଡଳରେ ପୂ ର୍ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଭାବେ ନିଜର ପାରଦର୍ଶିତା ଦେଖାଇଥିଲେ । ୧୯୯୦ ମସିହାରେ ମନ୍ତ୍ରୀ ଥିବା ସମୟରେ ସେ ଗୁରୁତ୍ୱପୂର୍ଣ୍ଣ ସହରା ଳ ବିକାଶ ବିଲ୍ ଆଣି ଚର୍ଚ୍ଚାର ପରିସରକୁ ଆସିଥିଲେ । ଏସବୁ ଥିଲା ତାଙ୍କ ପାରିବା ପଣିଆର ଗୋଟିଏ ଗୋଟିଏ ନିଚ୍ଛକ ଉଦାହରଣ । ଯାହାର ସ୍ୱୀକୃତି ସ୍ୱରୂପ ଶ୍ରେଷ୍ଠ ଯୁବ ବିଧାୟକ ସମ୍ମାନ, ମେୟରର୍ସ ଭିଜିନାରୀ ସମ୍ମାନ ଓ ଶ୍ରେଷ୍ଠ ବ୍ୟବସ୍ଥାପକ ଭାବେ ନୀଳକଣ୍ଠ ଦାସ ସମ୍ମାନର ଅଧିକାରୀ ହୋଇପାରିଥିଲେ ସେ ।

ସମ୍ପ୍ରତି ଅନେକ ରାଜନେତା ଆସୁଛନ୍ତି ଓ ଯାଉଛନ୍ତି । ଅନେକ ବି ବିସ୍ମୃତିକୁ ଚାଲିଗଲେଣି । ଏହାର ଏକ ବ୍ୟତିକ୍ରମ ହେଉଛନ୍ତି ସ୍ୱର୍ଗତ ନଳିନୀକାନ୍ତ ମହାନ୍ତି । ରାଜନଗରରେ "ମାଟି ରାଜା" ରୂପେ ସୁପରିଚିତ ନଳିନୀକାନ୍ତ ମହାନ୍ତିଙ୍କୁ କିନ୍ତୁ ଭୁଲିପାରୁନାହାନ୍ତି ରାଜନଗରବବାସୀ । ଏହି ନିର୍ବାଚନ ମଣ୍ଡଳୀର ଶିକ୍ଷା,ସ୍ୱାସ୍ଥ୍ୟ ପରିବହନ ଆଦି କ୍ଷେତ୍ରରେ ସେ ବହୁତ ଉନ୍ନତି ମୂଳକ କାର୍ଯ୍ୟ ସାଧନ କରିଛନ୍ତି । ଏଥିସହିତ ତାଙ୍କ ମୁହଁର ସେହି ଶିଶୁ ସୁଲଭ ହସ, ପ୍ରଶାନ୍ତ ମୁଖମଣ୍ଡଳ, ବନ୍ଧୁପଣର ଆବେଗରେ କୋଳେଇ ନେବାର ଉଦାର ଭାବ ଏବେବି ସମସ୍ତଙ୍କ ମାନସପଟରେ ସତେଜ ହୋଇରହିଛି । ଏବେ ତାଙ୍କ ସୁପୁତ୍ର ଅଂଶୁମାନ ମହାନ୍ତି ୨୦୧୪ ନିର୍ବାଚନରେ ଉକ୍ତ ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇ ପିତାଙ୍କ ପଦାଙ୍କ ଅନୁସରଣ କରିଛନ୍ତି ।

ଦୀର୍ଘ ଜୀବନ ନୁହେଁ, ସ୍ମରଣୀୟ ଜୀବନ ଦୀର୍ଘ ହୋଇଥାଏ । ଏହାକୁ ଅକ୍ଷରେ ଅକ୍ଷରେ ପ୍ରମାଣିତ କରିଥିଲେ ନଳିନୀକାନ୍ତ ମହାନ୍ତି । ମାତ୍ର ୬୩ ବର୍ଷ ଜୀବନ କାଳ ଥିଲା ତାଙ୍କ ପାଇଁ ଅନେକ ଯଶ ଓ ଖ୍ୟାତି ଆଣିଥିଲା । ଅକାଳରେ ସେ ଚାଲିଗଲେ ଆରପାରିକୁ ୨୦୧୨ ମସିହା ଏପ୍ରିଲ୍ ୨୦ ତାରିଖରେ । ତାଙ୍କ ମୃତ୍ୟୁରେ କେବଳ ରାଜନଗର ନୁହେଁ, ସମଗ୍ର ଓଡିଶାର ଜନଜୀବନରୁ ଜଣେ ଉଜ୍ଜ୍ୱଳ ତାରକା ଅସ୍ତମିତ ହୋଇଗଲା । ନଳିନୀ ମହାନ୍ତିଙ୍କ ଅବ ର୍ମାନରେ ଆଜି ବିରାଟ ଶୂନ୍ୟତା । ସେହି ଶୂନ୍ୟତା ଭିତରେ ସଦା ଗୁଞ୍ଜରିତ ହେଉଛି ତାଙ୍କ ସ୍ମୃତି ଓ ଅସ୍ତିତ୍ୱର ସ୍ୱାକ୍ଷର । ସେ ସର୍ବଦା ସ୍ମରଣୀୟ ହୋଇରହିବେ, ଏଥିରେ ସନ୍ଦେହର ଅବକାଶ ନାହିଁ । ଯଥାର୍ଥରେ ସେଥିଲେ "ମାଟି ରାଜା" ।।

*ସଭାପତି,*
*ସାରସ୍ୱତ ପରିଷଦ, ଜଗତସିଂହପୁର*
*ମୋ - ୯୯୩୭୧୫୧୦୫୨*

# ସନ୍ଥ ତୁଳସୀ ଦାସଙ୍କ ଜନ୍ମଭୂମି ଓ ଇଷ୍ଟଦେବ


ଶ୍ରୀ ଶିବ ପ୍ରସାଦ ଧଳ

ସନ୍ଥ ତୁଳସୀ ଦାସଙ୍କ ଜନ୍ମଭୂମି ସମ୍ବନ୍ଧରେ ଆଲୋଚନା କରିବା ବେଳେ ସର୍ବ ପ୍ରଥମେ ନ୍ୟାସନାଲ ବୁକଟ୍ରଷ୍ଟ ଦ୍ୱାରା ପ୍ରକାଶିତ ଦେବେନ୍ଦ୍ରସିଂହଙ୍କ ଦ୍ୱାରା ରଚିତ ତୁଳସୀ ଦାସ ପୁସ୍ତକର ଗୋଟିଏ ଧାଡି ଉଲ୍ଲେଖ କରାଯିବା ଉଚିତ । ଯେଉଁଥିରେ କୁହାଯାଇଛି – ତୁଳସୀ ଦାସ ନିଜର ଜନ୍ମ ତାରିଖ କିମ୍ବା ଜନ୍ମସ୍ଥାନ କୌଣସିଠାରେ ଉଲ୍ଲେଖ କରି ନାହାନ୍ତି । ସମ୍ପୂର୍ଣ୍ଣରୂପେ ବିଶ୍ୱାସଯୋଗ୍ୟ ଓ ନିର୍ଭୁଲ ପ୍ରମାଣ କିଛି ନାହିଁ । (ପୃ-୨, ଓଡିଆ ଅନୁବାଦ) ତେଣୁ ତୁଳସୀ ଦାସଙ୍କ ଜନ୍ମସ୍ଥାନ ନିର୍ଣ୍ଣୟବେଳେ ଉପଯୁକ୍ତ ଯୁକ୍ତିଟିକୁହିଁ ଗ୍ରହଣ କରାଯିବା ଉଚିତ । ତୁଳସୀ ଦାସଙ୍କ ଜନ୍ମ ସ୍ଥାନ ସମ୍ବନ୍ଧୀୟ ଏହି ଆଲୋଚନା ପୂର୍ବରୁ ଏ ପର୍ଯ୍ୟନ୍ତ ଆମେ ଯେତେ ଗୁଡିଏ ବିଷୟ ଆଲୋଚନା କଲେ, ସେ ସମସ୍ତ ଆଲୋଚନା ସମ୍ପୂର୍ଣ୍ଣ ଭାବରେ ଓଡିଶା ସହିତ ସମ୍ପର୍କ ରଖିଛି । ତେଣୁ ତୁଳସୀ ଦାସ ଯେ ଓଡିଶାରେ ଜନ୍ମ ହୋଇଥିଲେ ଏହା ଆଉ ଏକ ପ୍ରଶ୍ନ ହୋଇ ନାହିଁ । ତଥାପି ମଧ୍ୟ ନିର୍ଦ୍ଦିଷ୍ଟ ଭାବରେ ତୁଳସୀଙ୍କ ଜନ୍ମ ସ୍ଥାନ ସମ୍ବନ୍ଧରେ କିଛି ଆଲୋଚନା କରାଯାଇପାରେ । କେତେକ ଆଲୋଚକ କହିଛନ୍ତି ତୁଳସୀଙ୍କ ଜନ୍ମ ଉ ରପ୍ରଦେଶର ରାଜାପୁରଠାରେ ହୋଇଥିଲା । ପୁଣି କେତେକ ଆଲୋଚକ କହିଛନ୍ତି ରାଜାପୁର ତୁଳସୀଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ଶେଷରେ ରାଜାପୁରର ଇତିହାସ ଖୋଜିଲେ ଜଣାଯାଏ ଏହାର ଇତିହାସ ୧୮ଶ ଶତାବ୍ଦୀର । ତେଣୁ ରାଜାପୁର ସମ୍ପର୍କିତ ସୂଚନା ସହିତ ଯେ ତୁଳସୀଙ୍କ ଜନ୍ମର କୌଣସି ସମ୍ପର୍କ ନାହିଁ ଏହା ସ୍ପଷ୍ଟ ।

ତୁଳସୀ ଦାସଙ୍କ ଇଷ୍ଟଦେବଙ୍କ ସମ୍ପର୍କରେ କୁହାଯାଇଛି, ମହାବୀର ତାଙ୍କର ଇଷ୍ଟ ଦେବତା । ମହାବୀର ତାଙ୍କୁ ଶିଶୁ ଅବସ୍ଥାରୁ ନିଜର କରି ନେଇଥିଲେ । କଥା ଏହିଠାରୁ ଆରମ୍ଭ କରାଯାଉ- ତୁଳସୀଙ୍କ ଶୈଶବ କହିଲେ ୧୫୩୨ ଖ୍ରୀଷ୍ଟାବ୍ଦ ପରେ ୧୫୩୫ ଖ୍ରୀଷ୍ଟାବ୍ଦର ପାଖାପାଖି ଘଟଣା । ଏ ସମୟରେ ଉ ରପ୍ରଦେଶରେ ବା ବିଶେଷକରି ରାଜାପୁର ନିକଟରେ ମହାବୀର ପୂଜନର ସ୍ଥିତି କଣ ଥିଲା ? କାରଣ ସମଗ୍ର ଉ ରପ୍ରଦେଶରେ ମହାବୀରଙ୍କ କୌଣସି ପ୍ରାଚୀନ ମନ୍ଦିର ବା ପୂଜାର ବିବରଣୀ ଉପଲବ୍ଧ ହୁଏ ନାହିଁ । ଠିକ ବିପରୀତ ଭାବରେ ସେହି ସମୟର ଶହ ଶହ ବର୍ଷ ପୂର୍ବରୁ ଓଡିଶାରେ ମହାବୀରଙ୍କ ପୂଜା ପ୍ରଚଳିତ ଥିଲା ଏବଂ ନିର୍ଦ୍ଦିଷ୍ଟ ଭାବରେ ସେହି ସମୟରେ, ପୁଣି ରାୟ ରାମାନନ୍ଦଙ୍କ ଗୋଷ୍ଠୀ ଦ୍ୱାରା ବା ରାମାନନ୍ଦୀ ଗୋଷ୍ଠୀ ଦ୍ୱାରା ଏହାର ପ୍ରଚାର ପ୍ରସାର ବ୍ୟାପକ ହୋଇଥିଲା । ଯାହାର କେନ୍ଦ୍ରବିନ୍ଦୁ ଥିଲା ପୁରୀ ।

ଓଡିଶା ରିଭ୍ୟୁ ପତ୍ରିକାର ୨୦୦୬ ମସିହା ଜୁନ୍ ସଂଖ୍ୟାରେ ସିଦ୍ଧ ମହାବୀରଙ୍କ ସମ୍ପର୍କିତ ଲେଖାଟିରେ ସଠିକ ଭାବରେ କୁହାଯାଇଛି ଯେ, ବୋଧହୁଏ 'ରାମଚରିତ ମାନସ'ର ପ୍ରସିଦ୍ଧ କବି ତୁଳସୀ ଦାସ ଏହି ପ୍ରସିଦ୍ଧ ତୀର୍ଥ ନିକଟରେ ଅବସ୍ଥାନ କରୁଥିଲେ । କେବଳ ସେହି ଲେଖାଟିରୁ 'ବୋଧହୁଏ' ଶବ୍ଦଟି ବାଦ୍ ଦେବାର ଥିଲା । ସିଦ୍ଧମହାବୀର ମନ୍ଦିରର ଅନେକ କଳାକୃତି ମଧ୍ୟ ତୁଳସୀଙ୍କ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରେ । ତେଣୁ ସମସ୍ତ କଥାକୁ ବିଚାରକୁ ନେଲେ, ତୁଳସୀଙ୍କ ଇଷ୍ଟଦେବ ମହାବୀର ହେବା ପଛରେ ଯେ ତାଙ୍କର ପୁରୀରେ ଜନ୍ମହେବାର କାରଣଟି ରହିଛି ଏହା ବୁଝିହୁଏ । ତଥାପି ଆମେ ଯଦି ଏ ସମ୍ପର୍କରେ ଆଉକିଛି ଆଲୋଚନା କରିବା, ତେବେ ପୁନର୍ବାର ଦେବେନ୍ଦ୍ର ସିଂହଙ୍କ ଲିଖିତ ପୁସ୍ତକର କଥାଟିହିଁ ବିଚାରକୁ ଆସିବ । ସିଂହ ମହୋଦୟ 'କବିତାବଳୀ' ସମ୍ପର୍କରେ ନିଜର ଏକ ଉକ୍ତିରେ କହୁଛନ୍ତି – 'କଥା ଉ ରକାଣ୍ଡରେ ଯେତେବେଳେ ପହ ିଯାଏ ସେତେବେଳେ ରାମଚରିତ ସରି ଆସେ । କବି ତା'ପରେ ନିଜକଥା କହିବା ଆରମ୍ଭ କରିଛନ୍ତି' । ତୁଳସୀ 'ରାମଚରିତ ମାନସ'ର ବାଳକାଣ୍ଡରେ ଏବଂ ଉ ରକାଣ୍ଡରେ ନିଜର ଗୁରୁମାନଙ୍କ ବିଷୟରେ ଅନେକ କିଛି କହିଛନ୍ତି । କିନ୍ତୁ ନିଜ ବିଷୟରେ ସେ କିଛି ସୂଚନା ଉ ରକାଣ୍ଡରେ ଦେଇଛନ୍ତି । ଯଦିଓ ଏଗୁଡିକ ଶ୍ଳେଷୋକ୍ତିରେ ରହିଛି ତଥାପି ବୁଝିବାରେ କୌଣସି ଅସୁବିଧା ନାହିଁ । ତୁଳସୀ ଦାସ କହିଛନ୍ତି–

ମତି ଅନୁରୂପ କଥା ମୈଁ ଭାଷୀ ।
ଯଦ୍ୟପି ପ୍ରଥମ ଗୁପ୍ତ କରି ରାଖୀ ।। (ଉ.କା., ଦୋ-୧୨୭/୧)

ଯଦିଓ ପ୍ରଥମରୁ ମୁଁ ଗୁପ୍ତ ରଖିଥିଲି ପରେ କିନ୍ତୁ ମତି ଅନୁରୂପ କଥା କହିଲି । ମତି ଅନୁରୂପ କଥା ଯେ ରାମ କଥା ସହିତ ଓଡିଶାର କଥା ଏଥିରେ ସନ୍ଦେହ ନାହିଁ । ତା ସହିତ ଏହି ଉ ରକାଣ୍ଡରେ ତୁଳସୀ 'ପତିତପାବନ ବଡ ବାନା'ର କଥା କହିଛନ୍ତି । 'କାକଭୂଷଣ୍ଡି'ର କଥା କହିଛନ୍ତି । 'ନୀଳଗିରି'ର କଥା କହଛନ୍ତି ଏବଂ ନିଜ ଜନ୍ମଭୂମି 'ପୁରୀ' ବୋଲି ସ୍ୱୀକାର କରିଛନ୍ତି । ରାମକଥା ସହିତ ଏସବୁ କଥା ମଧ୍ୟ ତୁଳସୀ ନିଜ ମତି ଅନୁରୂପ କହିଛନ୍ତି । ତୁଳସୀ ମାନସରେ ବଡ ପରିଷ୍କାର ଭାଷାରେ କହିଛନ୍ତି – 'ଜନ୍ମଭୂମି ମମ ପୁରୀ ସୁହାୱନୀ' ।

ତୁଳସୀ କହିଲେ ଜନ୍ମଭୂମି ମମ- ପୁରୀ । ତେବେ ଅନ୍ୟ କୌଣସି ଶବ୍ଦକୁ ନେଇ ଦ୍ୱନ୍ଦ ଉପୁଜାଇବାର କାରଣ କଣ ? ଯେଉଁଠି ସେ ଆଦୌ 'ଜନ୍ମ' ଶବ୍ଦ ପ୍ରୟୋଗ କରିନାହାନ୍ତି । ପୁରୀ ସମ୍ବନ୍ଧରେ ପୁଣି ସେ କହିଲେ- 'ମମ ଧାମଦା ପୁରୀ ସୁଖ ରାସୀ' । (ଉ.କା., ଦୋ-୩/୩-୪)

ସନ୍ଥ ତୁଳସୀ ଦାସ ଯଦିଓ ପ୍ରଭୁ ଶ୍ରୀରାମଙ୍କ ପାଇଁ ନିଜ କଥା ମଧ୍ୟ କହି ଦେଇଛନ୍ତି । ଅର୍ଥାତ ତାଙ୍କର ଜନ୍ମ ପୁରୀଠାରେ ହୋଇଥିଲା । ପୁରୀ ତାଙ୍କୁ ଅନେକ ସୁଖ ଦିଏ ଇତ୍ୟାଦି । କେହି ହୁଏତ କହିପାରନ୍ତି ଏ ପୁରୀ ଓଡିଶାର ପୁରୀ ନୁହେଁ ଅଯୋଧ୍ୟାପୁରୀ । କିନ୍ତୁ ଶ୍ଳେଷୋକ୍ତି ବା ଦ୍ୱିଅର୍ଥରେ ଏହା ଜଣାଇ ଦିଏ କବି ପୁରୀର କଥାହିଁ କହୁଛନ୍ତି । ଏହି ଶୈଳୀ ହିଁ 'ମାନସ'ର ରଚନା ଶୈଳୀ । ଲକ୍ଷ୍ୟକରିବା କଥା 'ମାନସ'ର ପ୍ରତ୍ୟେକ ସ୍ଥାନରେ ତୁଳସୀ ଦାସ 'ଅୱଧପୁରୀ' ବୋଲି କହିଛନ୍ତି । ଉଦାହରଣସ୍ୱରୂପ – 'ଅୱଧପୁରୀ ପ୍ରଭୁ ଆୱଉ ଜାନୀ' / 'ଅୱଧପୁରୀ ଅତି ରୁଚିର ବନାଇ' / 'ଅୱଧପୁରୀବାସିହ୍ନ କର ସୁଖ ସଂପଦା ସମାଜ'... ଇତ୍ୟାଦି । ଏ ସମସ୍ତ ସ୍ଥାନରେ ଅୱଧପୁରୀ କୁହାଯାଇଛି । କିନ୍ତୁ ଯେଉଁ ସ୍ଥାନରେ ସେ 'ମମ' ଶବ୍ଦଟି ଉପସ୍ଥାପିତ କରିଛନ୍ତି, ସେଠାରେ କେବଳ 'ପୁରୀ' ବୋଲି କହିଛନ୍ତି । କେବଳ 'ମମ' ଶବ୍ଦ କହିବା ବେଳେ ନୁହେଁ, ଯେତେବେଳେ ସେ ଅନ୍ୟ ଜଣେ ଚରିତ୍ରଙ୍କ ମୁହଁରେ ନିଜର ସମ୍ବୋଧନ କରାଇଛନ୍ତି, ଅର୍ଥାତ 'ତୁମେ' ବୋଲି କୁହାଇଛନ୍ତି, ସେତେବେଳେ ମଧ୍ୟ ସେ ପୁରୀରେ ଜନ୍ମ କଥା କହିଛନ୍ତି । ଉଦାହରଣ ସ୍ୱରୂପ ମାନସର ଉ ରକାଣ୍ଡର ମଧ୍ୟ ତୁଳସୀ ପୁରୀରେ ଜନ୍ମ ହେବାର କଥା କହିଛନ୍ତି । ତୁଳସୀ କହିଛନ୍ତି – 'ପୁରାଁ ଜନ୍ମ ତୱ ଭୟଉ' । ଇଏତ ଜନ୍ମ କଥା ତାଙ୍କ ଉପରେ ପୁରୀର ଆଧାତ୍ମିକ ପରିବେଶର ପ୍ରଭାବ ବିଷୟରେ ସେହି ଦୋହାରେ କହିଲେ- 'ପୁରୀ ପ୍ରଭାୱ ଅନୁଗ୍ରହ ମୋରେଁ' । ଯେଉଁ ଯେଉଁ ସ୍ଥାନରେ ତୁଳସୀ ଦାସ ମମ, ମୋରେଁ, ତୱ ଇତ୍ୟାଦି ଲଗାଇଲେ ସେସବୁଠାରେ ଅୱଧ ଶବ୍ଦ ପ୍ରୟୋଗ କଲେ ନାହିଁ । କାରଣ ତାଙ୍କୁ କେବଳ ପୁରୀ କଥାହିଁ କହିବାକୁ ଥିଲା ।

ଉକ୍ତ ଉକ୍ତିଗୁଡିକୁ ବିଚାରକୁ ନେଲେ ତୁଳସୀ ଦାସ ଯେ ପୁରୀରେ ଜନ୍ମ ହୋଇଥିଲେ ଏହାକୁ ସନ୍ଦେହ କରିବା ଅନାବଶ୍ୟକ । ଇତିହାସର ସୂଚନା ମଧ୍ୟ ଉପରୋକ୍ତ କଥାକୁ ପୂର୍ଣ୍ଣ ସମର୍ଥନ ଦିଏ । କାରଣ ତୁଳସୀଙ୍କ ପିତା ମୁରାରୀଙ୍କ ପୂର୍ବପୁରୁଷ ଯଦିଓ ଯାଜପୁରର ଥିଲେ, କସବାରେ ମଧ୍ୟ ବାସ କରିଥିଲେ ଏବଂ ନବଦ୍ୱୀପରେ ମଧ୍ୟ ବାସ କରିଥିଲେ; କିନ୍ତୁ ଶ୍ରୀଚୈତନ୍ୟଙ୍କର ନିର୍ଦ୍ଦିଷ୍ଟ ଭାବରେ ପୁରୀଠାରେ ଅବସ୍ଥାନ ଏବଂ ରାୟରାମାନନ୍ଦ ଇତ୍ୟାଦିଙ୍କର ଗୋଷ୍ଠୀ ଗଠନ, ଏସବୁ ଘଟିଥିଲା ୧୫୧୬ ଖ୍ରୀଷ୍ଟାବ୍ଦ ପରେ । ଏହି ସମୟ ପରେ ଅଦ୍ୱୈତ ଇତ୍ୟାଦି ସମସ୍ତ ପ୍ରମୁଖ ଗୌଡ଼ୀୟ ବୈଷ୍ଣବ ପୁରୀରେ ଅବସ୍ଥାନ କରିଥିବାରୁ ମୁରାରୀ ମିଶ୍ର ଯେ ପୁରୀରେ ଅବସ୍ଥାନ କରୁଥିଲେ ଏହା ସନ୍ଦେହ ସୃଷ୍ଟି କରେ ନାହିଁ । ତେଣୁ ୧୫୩୨ ଖ୍ରୀଷ୍ଟାବ୍ଦର ପାଖାପାଖି ତୁଳସୀ ପୁରୀରେ ଜନ୍ମ ହୋଇଥିବା କଥା ଗ୍ରହଣୀୟ । ତୁଳସୀ ମାନସର ଉ ରକାଣ୍ଡରେ ଅଯୋଧ୍ୟାପୁରୀର ବର୍ଣ୍ଣନା



ଭିତରେ ଯାହା କିଛି କହିଛନ୍ତି ତାହାଯେ ସମ୍ପୂର୍ଣ୍ଣ ଭାବରେ ଶ୍ରୀମନ୍ଦିରର ବର୍ଣ୍ଣନା ଏ ବିଷୟ ପୂର୍ବରୁ ଆଲୋଚନା କରାଯାଇଛି । ରାମଚନ୍ଦ୍ର ଯେତେବେଳେ ନବର ମଧ୍ୟରେ ପ୍ରବେଶ କରିଛନ୍ତି, ତୁଳସୀ କହୁଛନ୍ତି – 'କୃପାସିନ୍ଧୁ ଜବ ମନ୍ଦିର ଗଏ' । ସନ୍ଥକବି ନବର କହିଲେ ନାହିଁ 'ମନ୍ଦିର' କହିଲେ । ଏକଥା ପୂର୍ବରୁ ଆଲୋଚିତ ହୋଇଛି ଯେ ଏହି ଧାଡିଟି ତୁଳସୀ ଜଗନ୍ନାଥ ବ୍ରହ୍ମଙ୍କ ପୁନଃ ପ୍ରତିଷ୍ଠା ପାଇଁ କହିଛନ୍ତି । ପୁଣି ସେ କହିଛନ୍ତି, ସେ ପ୍ରାସାଦ ହେଉଛି ନଭଶ୍ଚୁମ୍ବୀ । ବଡଦେଉଳ ବିନା ତୁଳସୀଙ୍କ ସମୟରେ ବା ନଭଶ୍ଚୁମ୍ବୀ ପ୍ରାସାଦ ଉ ର ଭାରତରେ ଆଉ କାହାର ଥିଲା ? ବର୍ଣ୍ଣନା ଏତିକିରେ ମଧ୍ୟ ସରିଲା ନାହିଁ । ତୁଳସୀ କହିଲେ ସେହି ମନ୍ଦିର ଉପରେ ଥିବା କଳସ ଅତି ସୁନ୍ଦର । ତାଙ୍କ ଭାଷାରେ – 'କଳସ ମନହୁଂ ରବି ଶଶୀ ଦୁତି ନିନ୍ଦିତ' । କେଉଁ ମନ୍ଦିର ଉପରର 'କଳସ' ଭାରତବର୍ଷରେ ଚର୍ଚ୍ଚିତ । ନିଶ୍ଚିତ ଭାବରେ ଶ୍ରୀମନ୍ଦିରର କଳସ । ଯେଉଁ କଳସ ଉପରେ ଅବସ୍ଥିତ ନୀଳଚକ୍ରରେ ପତିତପାବନ ବଡ଼ ବାନା ଫରଫର ହୋଇ ଉଡୁଛି । ଯାହାକୁ ଦେଖି ତୁଳସୀ କହିଲେ- 'ଯାସୁ ପତିତପାବନ ବଡ ବାନା' । ତେଣୁ ଏ କଳସ ଯେ ଶ୍ରୀମନ୍ଦିର ଉପରର କଳସ ଏକଥା ବୁଝିବାକୁ କୌଣସି ଦ୍ୱନ୍ଦ୍ୱ ରହୁ ନାହିଁ । ତଥାପି ମଧ୍ୟ ଯଦି ମନରେ ସନ୍ଦେହ ଆସେ ଚିନ୍ତା କରିବା କଥା ଶ୍ରୀମନ୍ଦିର କଳସ ହିଁ ସୁନ୍ଦର କଳସ ଆକୃତିର । ଉ ର ପ୍ରଦେଶରେ ଏତେ ସୁନ୍ଦର ଆକୃତିର କଳସ ଥିବା ପ୍ରାଚୀନ ମନ୍ଦିର କାହିଁ ?

ଏତେ ସବୁ ବର୍ଣ୍ଣନା ପରେ ତୁଳସୀ ଦାସ ମହୋଦଧିକୁ ବା ଛାଡି ଯାଆନ୍ତେ କିପରି । ତେଣୁ ଲେଖିଲେ – 'ଭୂମି ସପ୍ତ ସାଗର ମେଖଳା' । ଇଏ ସେହି ଭୂମି, ଯାହାର କଟିମେଖଳା ହେଉଛି ସାଗର । ତୁଳସୀଙ୍କ ବର୍ଣ୍ଣନାର ଏହି ମନ୍ଦିରରେ ଉଚ୍ଚ ପାଚେରି ରହିଛି । ବର୍ଣ୍ଣନା ଭିତରେ ତୁଳସୀ ଏକଥା ମଧ୍ୟ କହିଛନ୍ତି– 'ନବଗ୍ରହ ନିକର ଅନେକ ବନାଇ' । ଅର୍ଥାତ ସେହି ମନ୍ଦିରରେ ନବଗ୍ରହ ଶୋଭା ପାଉଛି । ଉତ୍କଳୀୟ ଚେତନାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତ ନିଜେ ନବଗ୍ରହର ପ୍ରତୀକ । ପୁଣି ମନ୍ଦିର ବେଢାରେ ଶ୍ରୀଲକ୍ଷ୍ମୀଙ୍କର ନାଟମନ୍ଦିରର ଉ ର ପାର୍ଶ୍ୱରେ ନବଗ୍ରହ ପୂଜିତ । ଏତେ ସବୁ ବର୍ଣ୍ଣନା ପରେ ଆଉ ସନ୍ଦେହ ରହିବା ଉଚିତ ନୁହେଁ ଯେ ତୁଳସୀଙ୍କ ଆଖି ଆଗରେ କାଳିଆଙ୍କର ଶ୍ରୀମନ୍ଦିର ହିଁ ସର୍ବଦା ଦେଖା ଯାଉଥିଲା । ଏ ସବୁ ସନ୍ଥକବି ସେହି ଉ ରାକାଣ୍ଡରେ କହିଛନ୍ତି ଯେଉଁଠି ସେ କହିଛନ୍ତି 'ମମ ଜନ୍ମଭୂମି ପୁରୀ' । 'ଭକ୍ତମାଳା'ର ଟୀକାଗ୍ରନ୍ଥରେ 'ତାରି' ନାମକ ଏକ ସ୍ଥାନରେ ତୁଳସୀ ଦାସ ଜନ୍ମ ହୋଇଥିବାର କଥା କୁହାଯାଇଛି । ଏହି ସୂଚନାରେ କୁହାଯାଇଥିବା ଶବ୍ଦଟି ନିଶ୍ଚିତ ରୂପରେ ଯେ 'ତାରି' ନୁହେଁ 'ପୁରୀ' ଏଥିରେ ସନ୍ଦେହ ରହିବା ଉଚିତ ନୁହେଁ । ହୁଏତ ତାହା ଅପଭ୍ରଂଶରେ 'ତାରି' ଭାବରେ ଉଲ୍ଲେଖିତ । ତୁଳସୀ ଦାସଙ୍କ ଜନ୍ମ ଯଦି ପୁରୀରେ ହୋଇଥିଲା ଏବଂ ଶୈଶବ କଟିଥିଲା ଯାଜପୁରରେ ବା ବରାହ କ୍ଷେତ୍ରରେ । ପୁଣି ଅଚ୍ୟୁତାନନ୍ଦଙ୍କ ସୂଚନା ଅନୁଯାୟୀ (ଶିବକଳ୍ପ) ତୁଳସୀଙ୍କ କୈଶୋର ଯଦି କଟକ ନିକଟସ୍ଥ ସୁନାଖଳାରେ କଟିଥିଲା । ତେବେ ନିଶ୍ଚିତ ଭାବରେ ତୁଳସୀଙ୍କ ଶୈଶବ ସହିତ ସଂପୃକ୍ତ ହରିପୁର ଯାଜପୁରର ବରୁଆଁ ନିକଟସ୍ଥ ହରିପୁର ବା ଉ ର ଓଡିଶାର ହରିପୁର ।

*ଅଲରା, ନରସିଂହପୁର, କଟକ*
*ଦୂରଭାଷ : ୯୯୩୭୭୮୨୦୭୯*

# ନେତା, ଜନତା ଓ ଗଣତନ୍ତ୍ର


କେଶବ ଚନ୍ଦ୍ର ନାୟକ

ଭାରତ ବର୍ଷ ବ୍ରିଟିଶ ଶାସନରୁ ମୁକ୍ତିଲାଭ ପାଇଲା ପରେ ଆମେ ଗଣତାନ୍ତ୍ରିକ ପଦ୍ଧତିରେ ଶାସନ ଚ଼ଳାଇ ଆସୁଛୁ । ଭାରତରେ ଗଣତନ୍ତ୍ର ପ୍ରକ୍ରିୟାରେ ୧୯୫୧ ମସିହାରେ ପ୍ରଥମ ନିର୍ବାଚ଼ନ ଅନୁଷ୍ଠିତ ହୋଇଥିଲା । ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଠାରୁ ଆଜି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନରେ ଆମେ ଶାସିତ । ଆଜକୁ ଦୀର୍ଘ ୬୩ ବର୍ଷ ମତଦାନ ଦ୍ୱାରା ନିର୍ବାଚ଼ିତ ବିଧାୟକ ଏବଂ ସାଂସଦମାନେ ଆମ ପାଇଁ କ'ଣ କରିଛନ୍ତି ,ସେ ସଂପର୍କରେ ଆଜି ଚ଼ିନ୍ତା କରିବାର ବେଳ ଆସିଛି ।ଭୋଟ ଦେଇ ନେତାଙ୍କ ଠାରୁ ଶହ ଶହ ପ୍ରତିଶ୍ରୁତି ଶ୍ରବଣ କରିଲା ପରେ ନେତାଙ୍କ ଠାରୁ ଆସ୍ଥା ଓ ବିଶ୍ୱାସ ଆମ ମନରୁ କ୍ରମଶଃ ତୁଟିଯାଇଛି । ବିକାଶ କହିଲେ କେବଳ ରାସ୍ତା ଘାଟ ନିର୍ମାଣ କିଛି ସରକାରୀ କୋଠା ବାଡି ନିର୍ମାଣକୁ ବୁଝାଏ ନାହିଁ । ତତ୍ ସହିତ ଶିଳ୍ପ ଏବଂ କୃଷିର ବିକାଶ ହେବା ଆବଶ୍ୟକ । ଯେଉଁଠି ବ୍ୟକ୍ତି ବିଶେଷର ନିଯୁକ୍ତି ନାହିଁ ।ଲକ୍ଷ ଲକ୍ଷ ବେକରୀ ସମସ୍ୟା, ସେଠାର ବିକାଶ ବୋଲି ଉଦଘୋଷଣା କରିବା ନିରର୍ଥକ । ବର୍ତ୍ତମାନ ଦେଶରେ ଦୁଇ ଗୋଟି ଗୋଷ୍ଠୀର ଉଦ୍‌ରେକ ହୋଇଛି ।ଧନିକ ଗୋଷ୍ଠୀ ଓ ଦରିଦ୍ର ଗୋଷ୍ଠୀ । ଏହି ଧନିକ ଗୋଷ୍ଠୀ ହାତରେ ଭାରତର ଭାଗ୍ୟ ନିର୍ଦ୍ଧାରଣ କରୁଛି । ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ନିୟନ୍ତ୍ରଣରେ ।କାରଣ ନିର୍ବାଚ଼ନ ପାଇଁ ପୁଞ୍ଜିର ଆବଶ୍ୟକତା ରହିଛି । ସେହି ପୁଞ୍ଜିକୁ ବଡ ବଡ ପୁଞ୍ଜିପତିମାନେ ବିନିଯୋଗ କରନ୍ତି । ଭୋଟ ପାଇଁ ବଡଧରଣର ବ୍ୟୟ ବରାଦ ହୁଏ । ଯେଉଁ ଦଳ କ୍ଷମତାକୁ ଆସେ ପୁଞ୍ଜିପତି ଙ୍କ ହାତବାରିସି ସାଜି କାର୍ଯ୍ୟ କରିଥାଏ । ଫଳରେ ଭାରତରେ ନେତା ନାମକୁ ମାତ୍ର ଶାସନ ଗାଦିର ମୁଖ୍ୟ ହୋଇଥିଲେ ମଧ୍ୟ ବାସ୍ତବ ଶାସନ ଡୋରି ପୁଞ୍ଜିପତି ଙ୍କ ହାତରେ । ପୁଞ୍ଜିପତି ମାନେ ଅଦୃଶ୍ୟ ଶାସକ ।ଅର୍ଥ ବଳରେ ଏହି ଗୋଷ୍ଠୀ ବର୍ତ୍ତମାନ ମୁଦ୍ରାସ୍ପିତିକୁ ଉତ୍ଥାନ ପତନ କରି ଥାନ୍ତି । ଆଜି ଯଦି ସମସ୍ତ ସାମଗ୍ରୀର ଦରବୃଦ୍ଧିର ମୂଳ କାରଣ ହେଲା ପୁଞ୍ଜିପତିମନଙ୍କ ଷଡ଼ଯନ୍ତ୍ର । ଦରଦାମ ନିୟନ୍ତ୍ରଣରେ ନେତାମାନେ ବିଫଳ ।କାରଣ ହେଲା ନିର୍ବାଚ଼ନ ସମୟରେ ଗ୍ରହଣ କରିଥିବା ମୋଟା ଅଙ୍କର ଚ଼ାନ୍ଦା । ତେଣୁ ଶାସନ କ୍ଷମତାରେ ବସିଥିବା ଦଳ କିଂ କର୍ତ୍ତବ୍ୟ ବିମୁଢ ନ୍ୟାୟରେ ନିରବ ଦ୍ରଷ୍ଟା । ବିଗତ ସରକାର ଅମଳରେ ଯେଉଁ ସବୁ କଳକାରଖାନା ଏବଂ ଅନ୍ୟାନ୍ୟ ସରକାରୀ ଉଦ୍‌ଯୋଗ ନିର୍ମାଣ କରାଯାଇଥିଲା, ସେସବୁ ପୁଞ୍ଜିପତିମାନଙ୍କୁ ଚୁକ୍ତି ଭିତ୍ତିକ ବିକ୍ରୟ କରାଯାଉଛି । ସରକାରୀ ସଂପତ୍ତି ଗୁଡିକ ଘରୋଇ କରଣ ହେଲା ପରେ ଶିଳ୍ପପତି ବା ପୁଞ୍ଜିପତିମାନେ ସେଥିରୁ ପ୍ରଚୁର ଲାଭ ଉଠାଇଥାନ୍ତି । ଫଳରେ ସେହି ଉଦ୍‌ଯୋଗରେ ନିଯୁକ୍ତି ପ୍ରାପ୍ତ ବ୍ୟକ୍ତିର ନିଯୁକ୍ତି ଅଧିକାର କ୍ରମେ ଘରୋଇକରଣ ହେତୁ ନିଜର ଅଧିକାର ଦୁର୍ବଳ ହୋଇପଡ଼ ? । ଧୀରେ ଧୀରେ ସରକାର ନିଜର ଦାୟିତ୍ୱ ବୋଧତା ରୁ ଦୂରେଇ ରହିବା ପାଇଁ ସମସ୍ତ ସରକାରୀ ଉଦ୍‌ଯୋଗ ଗୁଡ଼ିକୁ ଘରୋଇକରଣ ଏକ ସହଜ ସାଧ ମାଧ୍ୟମ ବୋଲି ବିବେଚ଼ନା କରି ନେଇଛି । କେନ୍ଦ୍ର ଓ ରାଜ୍ୟ ସରକାର ଏଭଳି ସହଜ ପନ୍ଥାକୁ ଅବଲମ୍ବନ କରି ଜନତାଙ୍କୁ ଆର୍ଥିକ ଶୋଷଣ ସହ ନିଯୁକ୍ତି କ୍ଷେତ୍ରକୁ ବିପର୍ଯ୍ୟୟ ଆଡ଼କୁ ଠେଲି ଦେଇଛି । ଆଜି ରାଜ୍ଯ ସରକାର ମଧ୍ୟ ବିଭିନ୍ନ ସରକାରୀ ବିଭାଗରେ ଆଉଟ୍ ସୋର୍ସିଙ୍ଗ ପନ୍ଥାକୁ ଅବଲମ୍ବନ କରି ଉଚ୍‌ଚ଼ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ

ନିୟୋଜିତ କରିଛି,ଯାହାକି ସ୍ୱଳ୍ପ ଦରମା ଏବଂ ଅସ୍ଥାୟୀ ନିଯୁକ୍ତିର ନୂତନ ପରମ୍ପରାକୁ ଜନ୍ମ ଦେଇଛି । ନିଯୁକ୍ତିର ଘୋର ଅଭାବ ଯୋଗୁଁ ଉଚ୍‌ଚ଼ ଶିକ୍ଷିତ ବେକରୀ ଯୁବକ ଯୁବତୀମାନେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଦିନରାତି କାଟୁଛନ୍ତି, ସେମାନଙ୍କ ନା ଅଛି ବର୍ତ୍ତମାନର ଉତ୍ତମ ସ୍ଥିତି ନା ଅଛି ଭବିଷ୍ୟତର ଉନ୍ନତି । ଯେଉଁମାନେ ଅଶିକ୍ଷିତ ଏବଂ ଅର୍ଦ୍ଧଶିକ୍ଷିତ

ସେମାନେ ଦାଦନ ଶ୍ରମିକ ଭାବେ ଯତ୍ର ତତ୍ର ସର୍ବତ୍ର ଧାବମାନ ପରିସ୍ଥିତିରେ ଗତିଶୀଳ । ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଏବଂ ଅଶିକ୍ଷିତ ବେକରୀ ସମସ୍ୟା ବର୍ତ୍ତମାନ ଦେଶ ତଥା ରାଜ୍ୟରେ ଉତ୍କଟ ସମସ୍ୟା ହୋଇ ମୁଣ୍ଡ ଟେକିଛି । ଯେ କୌଣସି ରାଜନୈତିକ ଦଳ

ନିର୍ବାଚ଼ନ ସମୟରେ ବଡ଼ ଭାଷଣ, ମିଥ୍ୟା ପ୍ରତିଶ୍ରୁତି, ଅନ୍ୟ ଦଳର ଅପନିନ୍ଦା କରି ଜନତାଙ୍କୁ ଦିବାସ୍ୱପ୍ନ ଦେଖାଇଥାନ୍ତି ।

ଶାସନ ଗାଦିକୁ ଗଲା ପରେ ସବୁ ଭୁଲି ଯାନ୍ତି । ତେବେ ଯେକୌଣସି ରାଜନୈତିକ ଦଳର ନେତା ହେବା କୁ କୌଣସି ଯୋଗ୍ୟତାର ମାପ ଦଣ୍ଡ ଆବଶ୍ୟକ ନାହିଁ ।ଏହା ସବୁ ଠାରୁ ନେତା ହେବା ଲାଗି ସହଜ ସରଳ ଉପାୟ । କିନ୍ତୁ ସରକାରୀ କିମ୍ବା ବେସରକାରୀ ନିଯୁକ୍ତି ପାଇଁ ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ରହିଛି । ପୁଞ୍ଜିପତି ହେବାକୁ ଅର୍ଥ ଆବଶ୍ୟକତା ରହିଛି । ତେଣୁ ଆଜିକାଲି ନେତା ପାଇଁ ସମସ୍ତେ ଆପ୍ରାଣ ଉଦ୍ୟମ କରନ୍ତି । ନେତା ହେଲେ ରାତାରାତି ଅର୍ଥ ପୁଳା ପୁଳା ଆସେ ଏବଂ ଅଯାଚ଼ିତ ସମ୍ମାନ ମଧ୍ୟ ସବୁଠି ଅପେକ୍ଷା କରି ରହିଥାଏ ।ତଳ ଦିନେ ଯେଉଁମାନେ ବିଦ୍ୟାଳୟରେ ଶେଷ ଧାଡ଼ିରେ ବସି ମାଷ୍ଟରଙ୍କ ଠାରୁ ମାଡ ଗାଳି ଶୁଣି ପାଠ ପଢୁ ନଥିଲେ କିମ୍ବା ପରୀକ୍ଷାରେ ବାରମ୍ବାର ଫେଲ ହୋଇ ପାଠ ପଢ଼ାରେ ଡୋରି ବାନ୍ଧି ଥିଲେ, ସେମାନେ ଆଜି କୁଆଡେ ଧୋବ ଧାଉଳିଆ ଲୋକ ପ୍ରତିନିଧି । ଯେଉଁମାନେ ସମାଜ ଅସାଜିକ ଗୁଣ୍ଡା, ହତ୍ୟାକାରୀ,ବଳାତ୍କାରୀ ସମାନେ ଆଜି ବିଧାୟକ, ମନ୍ତ୍ରୀ । ଯେଉଁମାନେ ଶ୍ରୀ ଅକ୍ଷର ବିବର୍ଜିତ, ସେମାନେ ଆଜି ବିଧାନସଭା ଓ ସଂସଦରେ ବସି ନୀତି ନିର୍ଦ୍ଧାରଣ କରନ୍ତି । ଯେଉଁମାନେ ବିଚ଼କ୍ଷଣ ଅଧ୍ୟୟନ କରି ଆଇଏଏସ/ଆଇପିଏସ୍/ଆଇଏଫଏସ ଚ଼ାକିରୀ ଖଣ୍ଡେ ପାଇଲେ, ସେମାନେ ହେଲେ ନେତାଙ୍କ ଆଜ୍ଞାଧୀନ ବା ଚ଼ାକର ।ସ୍ୱଳ୍ପ ଜ୍ଞାନ ସଂପନ୍ନ ନେତା ମନ୍ତ୍ରୀଙ୍କ ନିକଟରେ ସର୍ବଭାରତୀୟ ପ୍ରଶାସନିକ ସେବକମାନଙ୍କ ଅବସ୍ଥା ଅତ୍ୟନ୍ତ ଦୁର୍ବିସହ ।

ଆଜି ଉନ୍ନୟନ ନାଁ ରେ ବାର୍ଷିକ ଯେଉଁ ଆର୍ଥିକ ଅଟକଳ ହୁଏ,ସେସବୁ ନେତା ଏବଂ ମନ୍ତ୍ରୀଙ୍କ ଇଙ୍ଗିତରେ ପରିଚ଼ାଳିତ ହୁଏ । ଅମଲାତନ୍ତ୍ରମାନେ ଗାଁ ରୁ ସହର ପର୍ଯ୍ୟନ୍ତ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ସଂକଳ୍ପବଦ୍ଧ ହୋଇଥାନ୍ତି । ମାତ୍ର ନେତାଙ୍କ ଆଦେଶ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ ହେଉଥିବାରୁ ବହୁ ଅର୍ଥ ବାଟମାରଣା ହୁଏ । ସେଥି ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ କହିଥିଲେ: କେନ୍ଦ୍ର ସରକାର ଯଦି ବିକାଶ ଲାଗି ଟଙ୍କାଟିଏ ପଠାଯାଏ, ତେବେ ଗାଁ ରେ ୧୫ ପଇସା ପହଞ୍ଚି ଥାଏ । ଏଣୁ ଦୁର୍ନୀତି ଭାରତରେ କି ପ୍ରକାରର କାୟା ବିସ୍ତାର କରିଛି ଅନୁମେୟ । ନେତା ଏବଂ ଅମଲାତନ୍ତ୍ରର ବକ୍ତି ବିଶେଷ ଭ୍ରଷ୍ଟ ଯୋଗୁଁ ସବୁଠି ବିକାଶର ବିକଳ ଚ଼ିତ୍ର କାୟା ବିସ୍ତାର କରିଛି ।

ସମ୍ବାଦ ପତ୍ର ଏବଂ ବୈଦ୍ୟୁତିକ ଗଣମାଧ୍ୟମଗୁଡିକ ବର୍ତ୍ତମାନ କିଛି ପୁଞ୍ଜିପତି ଏବଂ ରାଜନୈତିକ ନେତାମାନଙ୍କ ଦ୍ୱାରା ସ୍ଥାପିତ । ତେଣୁ ସମ୍ବାଦର ସତ୍ୟତା ଏବଂ ନିରପେକ୍ଷତା ଉପରେ ଆଉ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରୁନାହିଁ । ପ୍ରତି ଦିନ ନିଜ ଗୁଣ ଗାନରେ ଶାସକ ଦଳ ନେତାଙ୍କ ବିଜ୍ଞାନରେ ସମ୍ବାଦପତ୍ର କଳେବର ବୃଦ୍ଧି । ନାଁ କୁ ମାତ୍ର ସ୍ୱାଧୀନ, ନିରପେକ୍ଷ ଏବଂ ସତ୍ଯ ସମ୍ବାଦର ଡିଣ୍ଡିମ ପିଟିବା ସାର । ସରକାରଙ୍କୁ ଯେଉଁ ଗଣମାଧ୍ୟମ ସମାଲୋଚ଼ନା କଲା, ବିଜ୍ଞାପନରୁ ବଞ୍ଚିତ ହେବା ସହ ମିଥ୍ୟା ମକଦ୍ଦମାରେ ଛନ୍ଦି ହେବା ଘଟଣା ଆଜି କାଲିକା ରାଜନୀତି ର ଏକ ଘୃଣ୍ୟ ଭାବନା ମୁଣ୍ଡ ଟେକିଛି,ଏହା ଜନସାଧାରଣଙ୍କୁ ଅଜ୍ଞ ବହୁତ ଜଣା । ଏଣୁ ଗଣତନ୍ତ୍ର ବର୍ତ୍ତମାନ ଦିଗହରା । ସେହି ପରି ଯେଉଁ ସଚେତନଶୀଳ ନାଗରିକମାନେ

ସରକାର ବିରୁଦ୍ଧରେ ବିକ୍ଷୋଭ, ଧର୍ମଘଟ କରନ୍ତି, ସେମାନଙ୍କୁ

ମଧ୍ୟ ପୋଲିସ ଦ୍ୱାରା ଦମନ କରିବାର ଭିନ୍ନ ଏକ କୌଶଳକୁ ଆଜି କାଲି ପ୍ରୟୋଗ କରାଯାଇଛି । ତେବେ ରାଜତନ୍ତ୍ର, ଏକଛତ୍ରବାଦ ତନ୍ତ୍ର ଠାରୁ ଯେଉଁ ଗଣତନ୍ତ୍ରକୁ ସର୍ବଶ୍ରେଷ୍ଠ ତନ୍ତ୍ର

ବୋଲି ଆମ ପୂର୍ବଜମାନେ ଚ଼ିନ୍ତାକରି ସଂବିଧାନ ନିର୍ମାଣ କରିଥିଲେ,ତାହା ବହୁ ପରିମାଣରେ କଳୁଷିତ ଏବଂ ଦିଗ ହରା କହିଲେ ଅତ୍ୟୁକ୍ତି ହେବ ନାହିଁ । ବର୍ତ୍ତମାନ ଯେଉଁ ଦଳ ଥରେ କେନ୍ଦ୍ର ହେଉ କି ରାଜ୍ୟ ହେଉ ଶାସନ ଗାଦିରେ ବସୁଛି,ସେ କ୍ରମାଗତ ଭାବେ ଶାସନ କୁ ଆସିବା ପାଇଁ ସୂକ୍ଷ୍ମ ରଣ କୌଶଳକୁ

ପ୍ରୟୋଗ କରୁଛି । ବର୍ତ୍ତମାନ ଇଲୋକ୍ଟ୍ରୋନିକ ଭୋଟିଂ ମେସିନ (ଇଭିଏମ) ଆସିଲା ପରେ ସଠିକ ମତଦାନ ହେଉନଥିବା ଅଭିଯୋଗ ହେଉଛି । ଇଭିଏମ ଟାମ୍ପରିଂ ହେଉଥିବା ବିରୋଧ ଦଳମାନେ ବାରମ୍ବାର ମୁଖ୍ୟ ନିର୍ବାଚ଼ନ କମିଶନରଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରିବାର ନାହିଁ । ତେବେ ଯେଉଁ ପାଶ୍ଚାତ୍ୟ ଦେଶମାନଙ୍କରୁ ଇଭିଏମ ଦ୍ୱାରା ମତଦାନ ଗ୍ରହଣ କରାଯାଉଥିଲା,ସେ ସବୁ ଦେଶରେ ଏହି ପ୍ରକ୍ରିୟାକୁ ସଂପୂର୍ଣ୍ଣ ବନ୍ଦ ହୋଇଗଲାଣି । କିନ୍ତୁ ଭାରତରେ ଇଭିଏମ ପଦ୍ଧତିରେ ନିର୍ବାଚ଼ନ ପ୍ରକ୍ରିୟା ଜାରି ରହିଛି । ପୂର୍ବରୁ ବାଲଟ ପେପରେ ନିର୍ବାଚ଼ନ ସଠିକ୍ ଥିଲା । ମାତ୍ର ନିର୍ବାଚ଼ନ ଫଳାଫଳ ଘୋଷଣାରେ ବିଳମ୍ବ ରହିଥିଲା । ଇଭିଏମ ଦ୍ୱାରା ଗଣନା କରିବା ଓ ନିର୍ବାଚ଼ନ ଫଳାଫଳ ଘୋଷଣା ସହଜ ସାଧ ହୋଇପାରୁଛି । କିନ୍ତୁ କିଛି ନିର୍ଦ୍ଦିଷ୍ଟ ଦଳ ନିର୍ବାଚ଼ନର ବାରମ୍ବାର ବିଜୟ ହେଉଥିବାରୁ ଇଭିଏମ ଟାମ୍ପରି ହେଉଥିବା ସନ୍ଦେହ କରାଯାଉଛି । ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ଯଦି ଗୋଟିଏ ଦଳ ବାରମ୍ବାର ନିର୍ବାଚ଼ନ ରେ ବିଜୟ ଲାଭ କରେ ତେବେ ଏକଛତ୍ରବାଦ ଶାସନ କାୟା ବିସ୍ତାର କରିଥାଏ । ସେଠାରେ କବେ ସୁସାଶାନ ଚ଼ାଲି ନଥାଏ । ନେତାମାନେ ମନମୁଖୀ ଶାସନ ଚ଼ଳାଇବା ସହିତ ଭ୍ରଷ୍ଟାଚ଼ାର, ଦୁର୍ନୀତି ଖୋର ହୋଇ ଥାନ୍ତି । ଶାସନ ବ୍ୟବସ୍ଥାକୁ ଶୃଙ୍ଖଳିତ ଏବଂ ମାର୍ଜିତ କରିବା ପାଇଁ ଦଳକୁ ପରିବର୍ତ୍ତନ କରିବା ଆବଶ୍ୟକ । ଏହି ସୁଯୋଗ ପାଞ୍ଚ ବର୍ଷ କୁ ଥରେ ନାଗରିକଙ୍କ ହାତରେ କ୍ଷମତା ରହିଛି ।ଭୋଟ ଦେବାର ଯେଉଁ କ୍ଷମତା ନାଗରିକ ହାତରେ ରହିଛି,ସେ ଯଦି ସଠିକ୍ ନେତାଙ୍କୁ ଭୋଟ ଦେଇ ବିଜୟ କରେ ତେବେ ସମାଜରେ ବିକାଶ ସମ୍ଭବ । ମଣିଷ ବଞ୍ଚିବାକୁ ହେଲେ ପ୍ରଥମେ ଖାଦ୍ୟ, ବସ୍ତ୍ର,ବାସ ଗୃହ ଦରକାର ।ଏହା ପ୍ରତ୍ୟେକ ବ୍ୟକ୍ତିର ମୌଳିକ ଆବଶ୍ୟକତା ରହିଛି ।ତାପରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ମଧ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କ ନିହାତି ଆବଶ୍ୟକ । ଏଥି ପ୍ରତି ସରକାର ଧ୍ୟାନ ଦେଲେ ସମାଜରେ ସୁଖ, ଶାନ୍ତି, ଶୃଙ୍ଖଳା ଏବଂ ସମୃଦ୍ଧି

ପ୍ରତ୍ୟେକ ବ୍ୟକ୍ତି ଉପଲବ୍ଧି କରି ପାରିବେ ।ଏଥି ପାଇଁ ପ୍ରତ୍ୟେକ ନାଗରିକଙ୍କୁ ରୋଜଗାର କ୍ଷମ କରିବାକୁ ପଡିବ । ମାଗଣା ବ୍ୟବସ୍ଥା କୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବାକୁ ପଡିବ ।ନିଜ ଶିଙ୍ଘରେ ନିଜେ ମାଟି ତାଡି ବଞ୍ଚିବାରେ ବହୁତ ଆନନ୍ଦ ଓ ଆସ୍ଥା ରହିଛି ।

ଏଣୁ ମାଗଣା ଦେଇ ଭାରତର ୭୫ ଭାଗ ଲୋକଙ୍କୁ ଦାରିଦ୍ର୍ୟ କାରାଗୃହରେ ବନ୍ଦୀ ନକରି ଆର୍ଥିକ ସ୍ୱାଧୀନତାର ରାସ୍ତା ଉନ୍ମୁକ୍ତ

କରିବା ସବୁ ରାଜନୈତିକ ଦଳଗୁଡ଼ିକର ମୁଖ ଲକ୍ଷ୍ୟ ରହିବା ଆବଶ୍ୟକ ।

*(ସଭାପତି, ଉତ୍କଳ ସାହିତ୍ୟ ସଂସଦ, ମାଲକାନଗିରି)*
*ମୋନଂ:୯୪୩୭୭୭୯୪୪୭*




# ଖରାଦିନରେ କାନ-ନାକ-ଗଳାର ଯତ୍ନ

ଗ୍ରୀଷ୍ମଋତୁ ଆସୁ ଆସୁ ତତଲା ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରିପକେଲାଣି। ତତଲା ଖରାକୁ ଅବେଳିଆ କାଳବୈଶାଖୀ ଲୋକମାନଙ୍କ ସ୍ୱାସ୍ଥ୍ୟ ବିଶେଷକରି କାନ-ନାକ-ଗଳା ପରି ଏକ ସମ୍ବେଦନଶୀଳ ଶରୀର ତତ୍ତ୍ୱକୁ ଅବ୍ୟବସ୍ଥିତ କରୁଛି। ପ୍ରାୟତଃ ଖରାଦିନକୁ ନେଇ ଲୋକମାନଙ୍କର ତତ୍‌ସମ୍ବନ୍ଧୀ ଅନେକ ରୋଗ ରହିଥାଏ। ଆସନ୍ତୁ ଟିକିଏ ଜାଣିବା ଶରୀର ସବୁଠାରୁ ସ୍ପର୍ଶକାତର ଅଙ୍ଗ ହେଉଛି କାନ। ଖରା ଦିନରେ ତୀବ୍ର ଖରା ଓ ଧୂଳି କାନ ପ୍ରବେଶ କଲେ ସ୍ୱାଭାବିକ ଭାବରେ ନାକ ଓ ଗଳାକୁ ସଂକ୍ରମିତ କରିଥାଏ। ଗରମ ପାଗରେ ଥଣ୍ଡା ଚିକିତ୍ସା କରିବାଦ୍ୱାରା ଏହା ଉପଶମ ପରିବର୍ତ୍ତେ ଅନେକ କ୍ଷତିକାରକ ବା ଘାତକ ସାବ୍ୟସ୍ତ ହୋଇଥାଏ। ଆଜିକାଲି ମୋବାଇଲ ଫୋନର ଇୟର ଫୋନ ଅନେକ ବ୍ୟବହାର କରୁଛନ୍ତି। ଘଣ୍ଟା ଘଣ୍ଟା ଧରି ଏହା କାନରେ ଲାଗି ରହୁଛି। କିନ୍ତୁ ତୀବ୍ର ଖରାରେ ମୁଣ୍ଡରୁ ବୋହୁଥିବା ଝାଳ ଏହି ଇୟର ଫୋନର ତୁଳା ଅଂଶକୁ ପ୍ରଭାବିତ କରି କାନର ଭିତର ଭାଗକୁ ବି ସମସ୍ୟା ଉପୁଯାଇଥାଏ। ଖରା ଦିନରେ ବିଶେଷକରି ଯୁବବର୍ଗ ଆଉ ପିଲାମାନେ ନଦୀ, ପୋଖରୀରେ ବୁଡ଼ି ଗାଧୋଇବାର ଆନନ୍ଦ ଦାୟକ ଅଭ୍ୟାସ ରଖିଥାନ୍ତି କିନ୍ତୁ ଦୂଷିତ ଜଳ କାନ ସଂକ୍ରମଣର ପ୍ରଥମ ବୈଶିଷ୍ଟ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। କେବଳ କାନ ନୁହେଁ ନାକକୁ ବି ଏହା ପ୍ରଭାବିତ କରେ। ଆଗରୁ କାନ-ନାକ-ଗଳାର କୌଣସି ଅସୁବିଧା ଥିଲେ ଖରାଦିନେ ଥଣ୍ଡା ପାଣି ବା ଅନ୍ୟ ବରଫଯୁକ୍ତ ପାନୀୟ ଦ୍ରବ୍ୟ ଏହାର ଯନ୍ତ୍ରଣାକୁ ବଢ଼ାଇବା କାମ କରିଥାଏ। ଉଦୁଉଦିଆ ଖରାରେ ଅନେକ ଜାଗାରେ ଧୂଳି ଓ ବର୍ଜ୍ୟବସ୍ତୁ ପୋଡ଼ା ହେଉଥିବା ପ୍ରଦୂଷଣଯୁକ୍ତ ଧୂଆଁ କାନ ଓ ନାକକୁ ଗଭୀର ଭାବେ ପ୍ରଭାବିତ କରେ। ଉପରୋକ୍ତ ସମସ୍ୟାରୁ ମୁକ୍ତ ରହିବା ପାଇଁ ନିମ୍ନ ଲିଖିତ ଉପାୟମାନ ଅନୁକରଣୀୟ।

ଠିକ୍ ସମୟରେ ଖାଦ୍ୟପେୟ ଖାଇବା, ଉପବାସ ଠାରୁ ଦୂରେଇ ରହିବେ, ଭୋକ ପେଟରେ ରହିବେ ନାହିଁ। ଥଣ୍ଡା ଉପୁଜୁଥିବା ଖାଦ୍ୟଦ୍ରବ୍ୟ ଠାରୁ ଦୂରରେ ରହିବେ ଯଥା ବାଶୀ ପଖାଳ ଖଟା, ଆଇସିକ୍ରିମ, ଫ୍ରିଜପାଣି, କୋଲଡ୍ରିଙ୍ଗସ୍ ଠାରୁ ଦୂରେଇ ରହିବେ। ପଖାଳ ଖାଉଥିବା ଲୋକମାନେ ତୋରାଣି ନପିଇ ପାଣି ପିଇବାର ଅଭ୍ୟାସ ରଖନ୍ତୁ। ଶୋଷ ହେଲେ ଏକାଥରକେ ଦୁଇ ଗ୍ଲାସରୁ ଅଧିକ ପାଣି ପିଅନ୍ତୁ ନାହିଁ ଆବଶ୍ୟକ ପଡ଼ିଲେ ଘଣ୍ଟାଏ ଛାଡ଼ି ପିଇ ପାରିବେ।

ଏହି ଋତୁରେ ପୂର୍ବରୁ ରକ୍ତଚାପ ଥିବା ରୋଗୀ, ସ୍ନାୟୁଜନିତ ବଧିରତାର ଶିକାର ହୁଅନ୍ତି ତେଣୁ ଏହି ରୋଗୀମାନେ ଏହି ସମୟରେ ରକ୍ତଚାପକୁ ନିୟନ୍ତ୍ରଣ ପାଇଁ ଚିକିତ୍ସା ରଖିବା ଉଚିତ। କାନ କୁଣ୍ଡାଇବା ପରି ଆବଶ୍ୟକ କଲେ ଶୋଧିତ ତୁଳାକାଠି ବ୍ୟବହାର କରନ୍ତୁ। ଯେକୌଣସି ଜିନିଷକୁ କାନ ଭିତରେ ପୁରାଇବାର କୁଅଭ୍ୟାସ ଠାରୁ ଦୂରେଇ ରୁହନ୍ତୁ। ସାଧାରଣତଃ ଥଣ୍ଡାରୁ ପ୍ରଭାବିତ ଲୋକମାନେ ରାତିରେ ଶୋଇଲାବେଳେ କାନରେ ତୁଳା ଦେଇ ଶୋଇଲେ ଭଲ। ଥଣ୍ଡାରୁ ପ୍ରଭାବିତ ଲୋକମାନେ ମୁଣ୍ଡ ସଫା କରୁଥିଲେ ଥଣ୍ଡା ଟାବ୍‌ଲେଟ ଖାଇ ଘଣ୍ଟାଏ ପରେ ମୁଣ୍ଡ ସଫା କରିବା ଉଚିତ। ବିଶେଷକରି ଏହି ଖରା ଋତୁରେ ସମସ୍ତ ପ୍ରକାର ନିଶା ଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ ଏବଂ ଥଣ୍ଡା ଖାଦ୍ୟ ଏବଂ ବଜାରର ଫାଷ୍ଟଫୁଡ ଠାରୁ ମଧ ଦୂରେଇ ରହିବାକୁ ଯଥାସମ୍ଭବ ଚେଷ୍ଟା କରିବା ବହୁତ ଭଲ। ଖରାଦିନେ କିଛି କ୍ଷେତ୍ରରେ ସର୍ଦ୍ଦି ରହିଥିଲେ ଏହା ଗଳାକୁ ବି ସଂକ୍ରମଣ କରିବାକୁ ବାଟ କଢ଼ାଏ। ନିୟମିତ ଭାବେ କାନୁ ସଫା ରଖନ୍ତୁ, ଟୁଣୁକା ଟୁଣୁକି କୌଣସି ତେଲ ବା କାଠି କାନ ଭିତରକୁ ପୁରାନ୍ତୁ ନାହିଁ। ଏସବୁ ସତ୍ତ୍ୱେ ଯଦି କାନ-ନାଗ-ଗଳାର ସଂକ୍ରମଣ ହୋଇଥାଏ ତେବେ ତୁରନ୍ତ କର୍ଣ୍ଣ-ନାସା-ଗଳା ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

# ସାମ୍ବାଦିକ ଦୀପକ କୁମାର ସିଂହଙ୍କ ମାତୃବିୟୋଗ

ବାଲେଶ୍ୱର (ପିଏନ୍): ବାଲେଶ୍ୱର ଜିଲ୍ଲା ସମ୍ମିଳିତ କର୍ମଜିବୀ ସାମ୍ବାଦିକ ସଂଘର ସକ୍ରିୟ ସଦସ୍ୟ ସାମ୍ବାଦିକ ଦୀପକ କୁମାର ସିଂହଙ୍କ ମାଆ ସୁମିତ ସିଂହ ବୈଶିଙ୍ଗା ମାନଗୋନ୍ଦପୁର ସ୍ଥିତ ନିଜ ବାସଭବନରେ ଅସୁସ୍ଥ ଅନୁଭବ ହେବାରୁ ବାଲେଶ୍ୱର ଡାକ୍ତରଖାନା ନେବା ରାସ୍ତାରେ ବୈଶିଙ୍ଗାଠାରେ ତାଙ୍କର ହୃଦଘାତରେ ପରଲୋକ ହୋଇଥିଲା। ବୈଶିଙ୍ଗା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୫୬ ବର୍ଷ ବୟସ ହୋଇଥିଲା। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ସମାଜସେବୀ ହିସାବରେ ମାନଗୋବିନ୍ଦପୁର ପଞ୍ଚାୟତ ତଥା ବୈଶିଙ୍ଗା ଅଞ୍ଚଳରେ ପରିଚିତ ଥିଲେ। ମୃତ୍ୟୁ ଖବର ପାଇ ସେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ମରଶରୀର ପାଖରେ ସ୍ୱାମୀ ପୁରୁଷୋତ୍ତମ ସିଂହ, ୨ ପୁତ୍ର ଦୀପକ କୁମାର ସିଂହ ଓ ଅମିତ କୁମାର ସିଂହ, ଏକମାତ୍ର ଝିଅ ଦିପ୍ତିମୟୀ ସିଂ, ଜ୍ୱାଇଁ ପରମେଶ୍ୱର ନାୟକ, ପୁତ୍ରବଧୂ ରଶ୍ମିରେଖା ପାଣିଗ୍ରାହୀ ଓ କଳ୍ପନା ବ୍ରହ୍ମ, ନାତିନାତୁଣୀ ଦିବ୍ୟାଂଶୁ, ପ୍ରାଚୀ, ମେହେକ ଏବଂ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ। ବାଲେଶ୍ୱର ବୈଶିଙ୍ଗା ଅଞ୍ଚଳର ନେତା, ସାମ୍ବାଦିକ, ଡାକ୍ତର, ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଗ୍ରାମବାସୀମାନେ ଶେଷ ଦର୍ଶନ କରିବା ସହିତ ଶୋକାକୁଳ ପରିବାରଙ୍କୁ ସମବେଦନା ଜଣାଇଥିଲେ। ସନ୍ଧ୍ୟାରେ ମାନଗୋବିନ୍ଦପୁର ଗ୍ରାମ ଶ୍ମଶାନରେ ଶବ ସଂସ୍କାର କରାଯାଇଥିଲା।

-ସ୍କୁଲ୍‌କୁ ଯିବୁ, ପାଠ ପଢ଼ିବୁ, ଭଲ ମଣିଷ ହେବୁ-

# ଆଦିବାସୀ ପଲ୍ଲୀରେ 'ଆସ ଆମେ ସ୍କୁଲ୍‌କୁ ଯିବା' କାର୍ଯ୍ୟକ୍ରମ





ଭୁବନେଶ୍ୱର (ପିଏନ୍): ଆଜକୁ ଦୁଇବର୍ଷ ହେବ କୋଭିଡ୍ ମହାମାରୀ ଯୋଗୁଁ ବିଦ୍ୟାଳୟରେ ତାଲା ପଡ଼ି ରହିଥିଲା। ଅନ୍‌ଲାଇନ୍ ଶିକ୍ଷା ଦିଆଯାଇଥିଲେ ସୁଦ୍ଧା ବିଦ୍ୟାର୍ଥୀମାନେ ଏହାର ଶତପ୍ରତିଶତ ସୁଫଳ ପାଇପାରି ନଥିଲେ। ଦୁଇବର୍ଷ ମଧ୍ୟରେ ଅନେକଙ୍କ ପାଠ ପଢାରେ ଡ଼ୋରି ବନ୍ଧା ହୋଇଯାଇଛି। ଅନେକ ବିଦ୍ୟାର୍ଥୀ ନିଜ ପିତାମାତାଙ୍କ ସହ ମୂଲ ଲାଗିବା ପାଇଁ ଯାଉଥିବା ବେଳେ ଆଉ କେହି ହାଣ୍ଡିଆ ବିକ୍ରୀ କରିବାକୁ ଯାଉଛନ୍ତି ତ ଆଉ କେହି ଘରକାମ ଓ ରୋଷେଇ କାର୍ଯ୍ୟ କରୁଛନ୍ତି। ବିଦ୍ୟାଳୟ ଖୋଲିଥିଲେ ସୁଦ୍ଧା ବିଦ୍ୟାଳୟକୁ ଯିବା କଥା ସମ୍ପୂର୍ଣ୍ଣ ରୂପେ ବିଦ୍ୟାର୍ଥୀମାନେ ଭୁଲି ଯାଇଛନ୍ତି। ଏହିଭଳି ଅଭାବନୀୟ ଏବଂ କରୁଣ ଦୃଶ୍ୟର ଚିତ୍ର ଦେଖିବାକୁ ମିଳିଛି ଚନ୍ଦକା-ଡମ୍‌ପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ରହିଥିବା ଆଦିବାସୀ ପଲ୍ଲୀ କନ୍ଦଳେଇରେ। ଗାଁର ବିକାଶ ନେଇ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ ସୁଶାନ୍ତ ସାହୁ ବିଦ୍ୟାର୍ଥୀମାନଙ୍କର ଏତାଦୃଶ କାର୍ଯ୍ୟକୁ ଦେଖି ବିଦ୍ୟାର୍ଥୀ ଓ ଅଭିଭାବକଙ୍କ ମଧ୍ୟରେ ସକରାତ୍ମକ ଭାବନା ଜାଗ୍ରତ କରିବା ପାଇଁ ଗାଁରେ ଆୟୋଜନ କରିଛନ୍ତି 'ଆସ ଆମେ ସ୍କୁଲ୍‌କୁ ଯିବା' କାର୍ଯ୍ୟକ୍ରମ। ଗାଁରେ ଥିବା କିଛି ବିଦ୍ୟାର୍ଥୀ ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ସ୍କୁଲ୍‌କୁ ଯିବୁ, ପାଠ ପଢ଼ିବୁ, ଭଲ ମଣିଷ ହେବୁ ବୋଲି ଆଗ୍ରହ ପ୍ରକାଶ କରିଛନ୍ତି। ଗାଁ ବାହାରକୁ ଚାଲିଯାଇ ମୂଲ ଲାଗୁଥିବା ବିଦ୍ୟାର୍ଥୀମାନଙ୍କ ସହ ଯୋଗାଯୋଗ କରିବା ପାଇଁ ଗ୍ରାମବାସୀଙ୍କୁ ନିବେଦନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ କନ୍ଦଳେଇ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚିତ୍ର କୁମାର ମାଝୀଙ୍କ ସମେତ ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ପ୍ରଦୀପ୍ତ ରଞ୍ଜନ ରାଉତଙ୍କ ଉପସ୍ଥିତିରେ ଅଭିଭାବକ ଓ ବିଦ୍ୟାର୍ଥୀମାନଙ୍କୁ ସଚେତନ କରାଯାଇଥିଲା।

# ସାମ୍ବାଦିକଙ୍କର ସୁରକ୍ଷା ରାଜ୍ୟ ସରକାରଙ୍କ ପ୍ରାଥମିକତା ହେବା ଦରକାର



ଚଣ୍ଡିଖୋଲ (ପିଏନ)- ସାମ୍ବାଦିକଙ୍କର ସୁରକ୍ଷା ରାଜ୍ୟ ସରକାରଙ୍କ ପ୍ରାଥମିକତା ହେବା ଦରକାର ବୋଲି ପ୍ରେସ କ୍ଲବ ଚଣ୍ଡିଖୋଲର ୩୪ତମ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ନିଜନିଜ ବକ୍ତବ୍ୟରେ କହିଥିଲେ। ଗତ ଶନିବାର ସ୍ଥାନୀୟ ବିଜୁ କଲ୍ୟାଣମଣ୍ଡପ ଠାରେ ପ୍ରେସ କ୍ଲବ ଚଣ୍ଡିଖୋଲର ସଭାପତି ପ୍ରଦୀପ୍ତ କୁମାର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ଉଦ୍‌ଘାଟିକା ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ସାମ୍ବାଦିକଂକର ସୁରକ୍ଷା ଆଜିର ଦିନରେ ନିତାନ୍ତ ଆବଶ୍ୟକ ବୋଲି କହିବା ସହ ଆଗାମୀ ଦିନରେ ସେ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଅମର ପ୍ରସାଦ ଶତପଥି ଯୋଗଦେଇ ସାମ୍ବାଦିକଙ୍କ ସହ ରାଜ୍ୟସରକାର ସବୁବେଳେ ଅଛନ୍ତି ଓ ସେମାନଙ୍କର ସୁରକ୍ଷା ପାଇଁ ସରକାର ସର୍ବଦା ଚେଷ୍ଟିତ ବୋଲି କହିଥିଲେ। ସକାରାତ୍ମକ ଓ ସଠିକ ଖବର ପରିବେଷଣ ଉପରେ ସାମ୍ବାଦିକମାନେ ଗୁରୁତ୍ୱ ଦେବା ଦରକାର ବୋଲି ବିଧାୟକ ନିଜ ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ଯୋଗଦେଇ ପୋଲିସ ପ୍ରଶାସନ ସର୍ବଦା ସାମ୍ବାଦିକଙ୍କ ସୁରକ୍ଷା ପ୍ରତି ଯତ୍ନବାନ ଅଛନ୍ତି ଓ ସାମ୍ବାଦିକଙ୍କ ଉପରେ ହେଉଥିବା ଆକ୍ରମଣରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଉଛି ଓ ଆଗାମୀ ଦିନରେ ଏହା ଆହୁରି ଶାଣିତ ହେବ ବୋଲି ସେ କହିଥିଲେ। ତାଙ୍କ ବିଭାଗ ଅଧୀନରେ ଆସୁଥିବା ସମସ୍ତ ଥାନା ଅଂଚଳରେ ସାମ୍ବାଦିକଙ୍କ ଉପରେ ଆକ୍ରମଣରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେଉଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ଚଣା ପଂଚାୟତ ସମିତି ଅଧକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ସୂଂଗୁଡା ସରପଂଚ ଅଞ୍ଜୁଲତା ସ୍ୱାଇଁ, ସମିତି ସଭ୍ୟା ସ୍ନିଗ୍ଧାରାଣୀ ସ୍ୱାଇଁ, ପ୍ରେସକ୍ଲବ ଚଣ୍ଡୀଖୋଲର ବରିଷ୍ଠ ସଭ୍ୟ ବେଣୁଧର ପଣ୍ଡା ପ୍ରମୁଖ ଯୋଗଦେଇ ସାମ୍ବାଦିକଂକର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପ୍ରେସକ୍ଲବ ସମ୍ପାଦକ ଦିଲୀପ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ସାମ୍ବାଦିକ ପ୍ରସନ୍ନ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାମ୍ବାଦିକ ସମରେନ୍ଦ୍ର ମହଲା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ, ସାମ୍ବାଦିକ ନିର୍ମଳ ଚନ୍ଦ୍ର ସାମଲ ଓ ଚଣ୍ଡିଖୋଲର ବରିଷ୍ଠ ନାଗରିକ କମ୍ରେଡ ଜଚିନ୍ଦ୍ର ଜେନାଙ୍କୁ ଅତିଥିମାନେ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାମ୍ବାଦିକ ହେମନ୍ତ କୁମାର ଜେନା ଓ ପ୍ରସନ୍ନ କୁମାର ବିଶ୍ୱାଳ ମାନପତ୍ର ପାଠ କରିଥିଲେ। ଏହି ଅବସରରେ କ୍ଲବର ମୁଖପତ୍ର 'ପ୍ରତିନିଧି'କୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଉଦୀୟମାନ କଳା ପରିଷଦର କଳାକାରମାନେ ସ୍ୱାଗତ ସଂଗୀତ ଓ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରିଥିଲେ। କ୍ଲବର ପୁରାତନ ସଭ୍ୟ ଅନିରୁଦ୍ଧ ସାମନ୍ତରାୟ ଓ ସାମ୍ବାଦିକ ହେମନ୍ତ ଜେନାଙ୍କ ଅକାଳ ବିୟୋଗରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ସାମ୍ବାଦିକ ପ୍ରଶାନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ଶିବରାମ ସାହୁ, ଅଭିମନ୍ୟୁ ଧଳ, ନରେନ୍ଦ୍ର ରାଉତ, ମୋହନ ଖିଲାର, ଦେବବ୍ରତ ଦେବତା, ହେମେଶ ଜେନା, ଭାରତ ଭୂଷଣ ପଣ୍ଡା, ପ୍ରତାପ ରାଉତରାୟ, ସୁରେନ୍ଦ୍ର ସାମଲ, ଦିଲୀପ ସାହୁ, ସମରେନ୍ଦ୍ର ସାମଲ, ସେକ ସ୍ୱବିରଦ୍ଦିନ, ପ୍ରତାପ ଗୋଛାୟତ, ମହେଶ୍ୱର ରାଉତ,ଦୀନବନ୍ଧୁ ନାୟକ, ମନୋଜ ସାହୁ, ଦୟାସାଗର ସ୍ୱାଇଁ, ଅନନ୍ତ ସ୍ୱାଇଁ ପ୍ରମୁଖ ନିଜନିଜର ସଂକ୍ଷିପ୍ତ ଭାଷଣ ଦେବା ସହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# DISPLAY CLASSIFIED


**FOR ADVERTISEMENT CONTACT**

Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

**TARIFF:** 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**VED BHAWAN**
Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS / ASTROLOGERS / VASTU EXPERTS ?

Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Prajyan Communication

Mahaditya Publication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ସରକାରୀ ଆଇଟିଆଇର ଛାତ୍ରୀ ସୋନାଲୀ ସର୍ବଭାରତୀୟ ଟପର

ବାଲେଶ୍ୱର (ପିଏନ୍)- ସରକାରୀ ଆଇଟିଆଇର ଛାତ୍ରୀ ସୋନାଲୀ ବିଶ୍ୱାଳ (୨୨) ସର୍ବଭାରତୀୟ ସ୍ତରରେ ୯୩ ପ୍ରତିଶତ ନମ୍ବର ରଖି ଟପର ହୋଇଛନ୍ତି। ବସ୍ତା ବ୍ଲକ ନଳବାହାର ଅଞ୍ଚଳର ସଂକର୍ଷଣ ବିଶ୍ୱାଳ ଓ ବାସନ୍ତୀ ବିଶ୍ୱାଳଙ୍କ ଝିଅ ହେଉଛନ୍ତି ସୋନାଲୀ। ବାପା ବ୍ୟବସାୟୀ ହୋଇଥିବା ବେଳେ ମା' ଜଣେ ଗୃହିଣୀ। ସୋନାଲୀ ନଳବାହାର ଗାନ୍ଧିଜୀ ହାଇସ୍କୁଲରେ ୭୫ ପ୍ରତିଶତ ନମ୍ବ ରଖି ପ୍ରଥମ ଶେଣ୍ରୀରେ ଉତ୍ତିର୍ଣ୍ଣ ହେବା ପରେ ବାଲେଶ୍ୱରରେ କଲେଜରୁ ବିଜ୍ଞାନରେ ୫୨ ପ୍ରତିଶତ ଓ ଶାନ୍ତିଲତା ମହାବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ସ୍ନାତକ ପାସ୍ କରି ସରକାରୀ ଆଇଟିଆଇରେ ୱେଲ୍‌ଡିଙ୍ଗ ବିଭାଗରେ ନାମ ଲେଖାଇଥିଲେ। ସର୍ବଭାରତୀୟ ସ୍ତରରେ ଏହି ସଫଳତା ପାଇଁ ସୋନାଲୀଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରଯାଇଛି।

## ନବଜାଗରଣ ବସ୍ତି ବାସିନ୍ଦା ସମ୍ମିଳନ ସଂଘର ସାମ୍ବାଦିକ ସମ୍ମିଳନୀ

ବାଲେଶ୍ୱର (ପିଏନ୍)- ଅଙ୍ଗାରଗଡ଼ିଆ ପମ୍ପ ହାଉସ ବସ୍ତି ବାସିନ୍ଦା ଭାବେ ୨୪ଟି ପରିବାର ୩୫ରୁ ଅଧିକ ବର୍ଷ ହେବ ବସବାସ କରି ଆସୁଛନ୍ତି। କିଛି ମାସ ପୂର୍ବରୁ ଏହି ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇଥିଲା। ପ୍ରଥମେ ଥଇଥାନ ସୁବିଧା କରାଯାଇ ଉଚ୍ଛେଦ କରାଯାଉ ବୋଲି ବସ୍ତି ବାସିନ୍ଦା ଦାବି କରି ଧାରଣା ଦେଇଥିଲେ। ଭୂମିହୀନକୁ ସରକାର ଜାଗା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏମାନଙ୍କୁ ଜାଗା ପ୍ରଦାନ କରାଯିବା ନେଇ ପ୍ରତିଶ୍ରୁତି ମଧ ମିଳିଥିଲା। ହେଲେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ସ୍ଥାନ ଉଚ୍ଛେଦ କରାଯିବାକୁ ବସ୍ତି ବାସିନ୍ଦାଙ୍କୁ କୁହାଯାଇଥିଲା। ହେଲେ ଥଇଥାନ ବାବଦରେ ସେମିତି କିଛି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ହାଇକୋର୍ଟ ନିର୍ଦ୍ଦେଶକୁ ନ ମାନି ଜିଲ୍ଲା ପ୍ରଶାସନ ନେଇଥିବା ନିଷ୍ପତିକୁ ବସ୍ତି ବାସିନ୍ଦା ବିରୋଧ କରିଛନ୍ତି। ଆଗାମୀ ଦିନରେ ଯାହା ହେବ ସେଥିପାଇଁ ଜିଲ୍ଲାପାଳ, ତହସିଲଦାର, ଆରଆଇ ଦାୟୀ ରହିବେ ବୋଲି ବସ୍ତି ବାସିନ୍ଦା ଚେତାବନୀ ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ପାଇକ ଆଖଡ଼ା ସମାବେଶ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ନିକଟ ଉଇଲକିଶନ ନଗର (ସାହେବ ନୂଆଗାଁ)ଠାରେ ଖୋର୍ଦ୍ଧା ପାଇକ ଆଖଡ଼ା ସଂଘ ଦ୍ୱାରା ଜିଲ୍ଲାସ୍ତରୀୟ ପାଇକ ଆଖଡ଼ା ସମାବେଶ ଓ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ପାଇକ ଆଖଡ଼ା ସଂଘର ସଭାପତି ଶମ୍ଭୂନାଥ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅତିଥି ରୂପେ ଅଧାପକ ଡକ୍ଟର ଦିଲ୍ଲିପ ଶ୍ରୀଚନ୍ଦନ, ନିୟୁ ଥିଙ୍କିଙ୍ଗ୍ ଫୋରମ୍‌ର ସଭାପତି ନରେନ୍ଦ୍ର ପୃଷ୍ଟି, ଅଧାପକ ଗୋପାଳକୃଷ୍ଣ ଦାସ, ଖଣ୍ଡାୟତ କ୍ଷତ୍ରୀୟ ମହାସଂଘର ସଭାପତି ଯୋଗିନାଥ ବଳିଆରସିଂହ, ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ଦେବପ୍ରସାଦ ମଜୁମଦାର ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଥମେ ଉକ୍ତ ଗ୍ରାମର ଦିବଂଗତ ପାଇକ ଗୁରୁ ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳ ଓ ଦୀନବନ୍ଧୁ ବିଶ୍ୱାଳଙ୍କ ଫଟୋଚିତ୍ର ତଳେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏ ପାଇକମାନଙ୍କ ତ୍ୟାଗ ଓ ଆତ୍ମ ବଳିଦାନ ଅତୁଳନୀୟ ତାକୁ କେହି କେବେ ଭୁଲିପାରିବା ନାହିଁ। ଗାଁ ଗହଳିରେ ଏବେବି ପାଇକମାନେ ସୁପ୍ତ ଅବସ୍ଥାରେ ଅଛନ୍ତି। ତେବେ ରାଜ୍ୟ ସରକାର ଏଇ ପାଇକ ଆଖଡ଼ା ସଂଘ ପାଇଁ ଘର ସହିତ ପିଲାଙ୍କ ପାଠ୍ୟପୁସ୍ତକରେ ପାଇକ କଳା ପରମ୍ପରାକୁ ସ୍ଥାନିତ କରିବା, ଲୁପ୍ତ ପାଇକ ଆଖଡ଼ାକୁ ଉଜ୍ଜୀବିତ କରିବା ଏହି ସମାବେଶ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଜଣାଇବାକୁ ଏହାର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ପୁରୀ, କଣାସ ପାଇକ ଗୁରୁ ରମେଶ ଚନ୍ଦ୍ର ରାଉତରାୟ, କେଦାରଶ୍ୱର ଜଗଦେ, କେଶବଚନ୍ଦ୍ର ବରାଳ, କରଡ଼ଗାଡ଼ିଆର ବିରଞ୍ଚି କୁମାର ଜଗଦେଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ୩୦ଟି ପାଇକ ଦଳ ନିଜ ପାଇକ କଳା ପ୍ରଦର୍ଶନ କରିଥିଲେ। ଏହି ସମାବେଶ ସଭା ପୂର୍ବରୁ ବିଭିନ୍ନ ଅଞ୍ଚଳରୁ ଆସିଥିବା ପାଇକ ଦଳ ଓ ଅତିଥିମାନେ ଗ୍ରାମର ମା ଅଂଳାଇ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରି ମଶାଲ ଧରି ଏକ ଶୋଭାଯାତ୍ରା ସହିତ ଗ୍ରାମ୍ୟ ପରିକ୍ରମା କରିଥିଲେ। ସମ୍ପାଦକ କବିରାଜ ପ୍ରଧାନଙ୍କ ଆୟୋଜନରେ ମନୋଜ କୁମାର ବିଶ୍ୱାଳ, ରବୀନ୍ଦ୍ର କୁମାର ପ୍ରଧାନ, କେଦାର ସାହାଣୀ, ସୁରେଶ ଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଅନିଲ କୁମାର ପଟ୍ଟନାୟକଙ୍କୁ ରାଜ୍ୟ ଗ୍ରୀନ କମାଣ୍ଡେଂଟ ସମ୍ମାନ

ଖୋର୍ଦ୍ଧା (ପିଏନ୍)- ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସମୂହ ସୁଧାନନ୍ଦ ଶିକ୍ଷାନୁଷ୍ଠାନର ଅଧକ୍ଷ ଡ଼. ଅନିଲ କୁମାର ପଟ୍ଟନାୟକଙ୍କୁ ରାଜ୍ୟ ଗ୍ରୀନ ଆର୍ମି କମାଣ୍ଡେଂଟ ସମ୍ମାନ ପ୍ରେରଣା ଇଂଟରନ୍ୟାସନାଲ ଗ୍ରୀନ ଆର୍ମି ପକ୍ଷରୁ ପ୍ରଦାନ କରାଯାଇଛି। ସୁଧାନନ୍ଦ କଲେଜ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କେତନ ପଟ୍ଟନାୟକ ସୁଧାନନ୍ଦ ଶିକ୍ଷାନୁଷ୍ଠାନ ସମୁହର ଅଧକ୍ଷଙ୍କୁ ଏହି ସମ୍ମାନ ପ୍ରଦାନ କରି କହିଲେ ସୁଧାନନ୍ଦ ଶିକ୍ଷାନୁଷ୍ଠାନର ସବୁଜିମା ପରିବେଶ ଅନ୍ୟତ୍ର ଦୁର୍ଲଭ। ଏହି ପରିବେଶ ପିଲାଙ୍କୁ ପଠନ କ୍ରିୟାରେ ବିଶେଷ ସାହାଯ୍ୟ କରିବ। ଏହି ଉତ୍ସବରେ ମୁଖ୍ୟବକ୍ତା ରୂପେ ପ୍ରେରଣା ଗ୍ରୀନ ଆର୍ମିର କମାଣ୍ଡାଂଟ ଇନ୍ ଚିଫ୍ ଡ଼.ଦିଲ୍ଲୀପ ଶ୍ରୀଚନ୍ଦନ ଯୋଗଦେଇ କହିଲେ ଶିକ୍ଷାନୁଷ୍ଠାନ ଓ ପରିବେଶ ପରସ୍ପର ପରିପୂରକ। ତାର ଜ୍ୱଳନ୍ତ ଉଦାହରଣ ନାଳନ୍ଦା ଶାନ୍ତି ନିକେତନ ସତ୍ୟବାଦୀର ବନ ବିଦ୍ୟାଳୟ ଆଦି। ତେଣୁ ଏହି ଅନୁଷ୍ଠାନର ପ୍ରତିଷ୍ଠାତା ଅଧକ୍ଷ ଅନିଲ କୁମାର ପଟ୍ଟନାୟକ ପରିବେଶ ସୁରକ୍ଷା ଓ ବୃକ୍ଷ ରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ଆମ୍ଭ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯାଇଛି।

# ବାବା ସାହେବ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ପାଳନ

ବାଲେଶ୍ୱର (ପିଏନ୍)- ସମ୍ବିଧାନ ପ୍ରଣୟନ କମିଟିର ମୁଖ୍ୟ, ମହାନ ରାଜନେତା, ଯୁଗଜନ୍ମା, ଭାରତରତ୍ନ ବାବା ସାହେବ ଭୀମରାଓ ରାମଜୀ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ଜିଲ୍ଲା ବିଜେପି ତରଫରୁ ଖୁବ୍ ହର୍ଷୋଲ୍ଲାସର ସହିତ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ଏସସି ମୋର୍ଚ୍ଚାର ଜିଲ୍ଲା ସଭାପତି ମୃତ୍ୟୁଞ୍ଜୟ ଜେନାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ସୋପାନରେ ରେମୁଣା ଗୋଲେଇ ସ୍ଥିତ ବାବା ସାହେବଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବା ପରେ ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦାନ କରି ବାବା ସାହେବଙ୍କୁ ଶ୍ରଦ୍ଧାସମ୍ମାନ ଅର୍ପଣ କରିବା ସହିତ ତାଙ୍କ ସ୍ମୃତିଚାରଣ ଓ ରାଷ୍ଟ୍ର ପାଇଁ ବାବା ସାହେବଙ୍କ ଅବଦାନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋକପାତ କରାଯାଇଥିଲା। ସାଂସଦ ଶ୍ରୀ ଷଡ଼ଙ୍ଗୀ କ୍ଷୋଭ ପ୍ରକାଶ କରି କହିଥିଲେ ଯେ ସ୍ୱାଧିନତା ପରବର୍ତ୍ତୀ ଦୀର୍ଘ ସମୟ ଧରି କଂଗେସର ଶାସନ କାଳରେ ଦେଶର ମହାପୁରୁଷଙ୍କୁ ଉଚିତ ସମ୍ମାନ ମିଳି ନଥିଲା। ୨୦୧୪ ପରଠାରୁ ମୋଦିଜୀଙ୍କ ନେତୃତ୍ୱରେ ଗଠିତ ସରକାର ଭାରତମାତାଙ୍କ ସୁପୁତ୍ରମାନଙ୍କୁ ଉଚିତ ପ୍ରାପ୍ୟ ସମ୍ମାନ ଦେଇ ଆସୁଛନ୍ତି। ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସଙ୍କ ଦ୍ୱାରା ଆୟୋଜିତ ଏକ ଜଳଛତ୍ରକୁ ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ ଏବଂ ଜନସାଧାରଣଙ୍କୁ ମହାବିଷୁବ ପଣା ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।




# କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି

ସଂଗ୍ରାମ , ସଂଘର୍ଷ ଓ ଶେଷରେ ସଫଳତା। ଦୀର୍ଘ ଦୁଇବର୍ଷର ଲମ୍ବା ଯାତ୍ରା। ଜୀବନର ପ୍ରତିଟି ସୋପାନରେ ଅଦମ୍ୟ ଚେଷ୍ଟା ଓ ଆତ୍ମବିଶ୍ୱାସ , ପରିବାରର ଆଶୀର୍ବାଦ ଯୋଗୁଁ ଦୁଇ ଦୁଇ ଥର ବିଫଳତା ପରେ ବି ହାର ନମାନି ଶେଷରେ ସଫଳତାର ଶିଖରେ ପହଁଚି ସମସ୍ତଙ୍କ ପାଇଁ ଏକ ପ୍ରେରଣା ସାଜିଛଁି ଜଗତସିଂହପୁର ତିର୍ ିଲର ବରିପଦା ଗ୍ରାମର ଶ୍ରବଣ କୁମାର କର। ଜୀବନରେ ସଫଳତାର ସ୍ୱାଦ ଚାଖିବା ଏତେ ସହଜ ନୁହେଁ। କଠିନ ପରିଶ୍ରମ ହିଁ ଏହାକୁ ସଫଳ କରିବାରେ ସାହାଯ୍ୟ କରେ। ନିକଟରେ ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥାର ଫଳାଫଳ ପ୍ରକାଶ ପାଇଛି । ଏଥିରେ ଜଗତସିଂହପୁରର ଶ୍ରବଣ କୁମାର କର ୧୪୮ତମ ସ୍ଥାନରେ ଅଛଁି। ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକୋ ର କରିଥିବା ଶ୍ରବଣ ଜଣେ ମେଧାବୀ ଛାତ୍ର ଭାବେ ପରିଚିତ। ତାଙ୍କ ସଫଳତା ପରେ ଅଧିକ ଆଲୋଚନା କରିଛଁି ଯୁବ



ସ୍ତମ୍ଭକାର **ଡି ଶୁଭମ୍ ....**

୧. ଭୂବୈଜ୍ଞାନିକ ପାଇଁ ପ୍ରସ୍ତୁତି କେମିତି ଥିଲା ?

ମୁଁ ଜୁଲାଇ ୨୦୧୯ ରୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲି । ସେତେବେଳକୁ ମୁଁ ସ୍ନାତକୋ ର ଶେଷବର୍ଷରେ ଥିଲି, ସେଥିପାଇଁ ପଢିବାକୁ ବେଶି ସମୟ ମିଳୁନଥିଲା । ଦିନକୁ ୩-୪ ଘଣ୍ଟା ପଢ଼ିପାରୁଥିଲି। ପ୍ରିଲିମ୍ ରେଜଲ୍ଟ ଆସିବା ପରେ ମେନ୍ ପାଇଁ ଦିନକୁ ୬-୮ ଘଣ୍ଟା ପଢୁଥିଲି । ମୁଁ ଏହିପରି ଭାବରେ ନିଜକୁ ପ୍ରସ୍ତୁତ କରିଥିଲି।

୨. ଉତ୍କଳ ବିଶ୍ୱବିଦ୍ୟାଳୟରୁ ଭୂବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥା- ଏ ଯାତ୍ରା କେମିତି ଥିଲା ?

ଉତ୍କଳ ବିଶ୍ୱବିଦ୍ୟାଳୟରେ ପଢୁଥିବା ସମୟରେ ହିଁ ମୁଁ ଏଥିରେ ଯୋଗ ଦେବା ପାଇଁ ନିଷ୍ପତ୍ତି ନେଇଥିଲି ଆଉ ପ୍ରସ୍ତୁତି ଆରମ୍ଭ କରିଥିଲି। ଏହା ପଛରେ ମୁଖ୍ୟତଃ ଦୁଇଟି କାରଣ ଥିଲା - ମୋତେ ସିଧାସଳଖ ଲୋକଙ୍କ ସହ ମିଶି କାମ କରିବାର ଥିଲା। ଏହା ଛଡ଼ା ମୋତେ ଏକ ବିବିଧତାପୂର୍ଣ୍ଣ ଓ ଆହ୍ୱାନଭରା କ୍ୟାରିୟର ପାଇଁ ମୁଁ ଏହା ପାଇଁ ପ୍ରସ୍ତୁତ ହେଉଥିଲି।

୩. ଦୁଇବର୍ଷର ଏ ସଂଘର୍ଷ କେମିତି ଥିଲା ?

କରୋନାର ପ୍ରଭାବରେ ପ୍ରସ୍ତୁତିରେ କିଛି ବାଧକ ହୋଇନଥିବା ବେଳେ ୨୦୨୦,୨୦୨୨ରେ କୃତକାର୍ଯ୍ୟ ହୋଇନଥିଲା ବେଳେ ଏଥରର ସଫଳତା ଅନେକ ଖୁସି ଦେଇଛି ।ସଂଘର୍ଷ ପରେ ସଫଳତା ନିଶ୍ଚିତ ଏକଥାକୁ ଅସ୍ୱୀକାର କରାଯାଇନପାରେ। କରୋନା ସମୟରେ ମୁଁ ଘରେ ରହି ଅନଲାଇନ ପ୍ଲାଟଫର୍ମରୁ ପଢୁଥିଲି । ସେଥିପାଇଁ ତାଲାବନ୍ଦ ହେବା ଦ୍ୱାରା ବିଶେଷ ଫରକ୍ ପଡ଼ିନଥିଲା ।

୪. ଭବିଷ୍ୟତ ଲକ୍ଷ୍ୟ କଣ ରହିଛି ?

ଭବିଷ୍ୟତରେ ୟୁପିଏସ୍ ସି ସିଭିଲ ସେବା ପରୀକ୍ଷା ଦେଇ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେବାର ଲକ୍ଷ୍ୟ ରହିଛି ଓ ଚେଷ୍ଟା ଜାରି ରଖିଛି।

୫. ଆଗାମୀ ଯୁବ ପିଢ଼ି ଙ୍କ ପାଇଁ କଣ ବାର୍ତ୍ତା ଦେବେ ?

ଏତିକି କହିବା ପାଇଁ ଚାହିଁବି ଯେ - ଜୀବନରେ କେବେ ଅଳସୁଆ ହେବା ଉଚିତ୍ ନୁହେଁ , ନିଜ ଲକ୍ଷ୍ୟ ଦିଗରେ କାମ କରିବା ଦରକାର। ଯାହା ବି ଜୀବନରେ କର , ଦେଶ ଓ ଜାତି ଉଦ୍ଦେଶ୍ୟରେ ସମର୍ପିତ ହେବା ଆବଶ୍ୟକ। ସର୍ବୋପରି ଜଣେ ଭଲ ମଣିଷ ହେବା ପାଇଁ ଚେଷ୍ଟା କରିବା ।

# ବିବାହ ଭୋଜିରେ ବିଜେଡି ନେତାଙ୍କ ଗୁଳି ଚାଳନା, ଏତେଲା ଦେଲା ବିଜେପି



ତାଳଚେର,(ପି.ଏନ): ତାଳଚେର ବିକ୍ରମପୁର ଥାନା ରେ ବିଜେପି ନେତା ରାଜେନ୍ଦ୍ର ସିଂହ ରବିବାର ଦିନ ଏକ ଏତେଲା ଦେଇଛନ୍ତି ।ସୋସିଆଲ ମିଡିଆ ଓ ଇଲେକ୍ଟ୍ରୋନିକ୍ସ ମିଡ଼ିଆ ରେ ବିଜେଡି ନେତା ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଙ୍କ ଆନୁଗତ୍ୟ ରାଜେଶ ଦାସ ତାଙ୍କ ବିଭାହ ଭୋଜି ରେ ସର୍ବସାଧାରଣଙ୍କ ଉପସ୍ଥିତି ରେ ଗୁଳି ଚାଳନା କରୁଥିବାର ଦେଖିବାକୁ ମିଳିଛି ।ଏହା ସାଧାରଣ ରେ ଭୟ ସୃଷ୍ଟି କରିଛି ।ଉକ୍ତ ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚା ହେଉଥିବା ବେଳେ ସର୍ବସାଧାରଣରେ କିଭଳି ଓ କାହିଁକି ବିଜେଡି ନେତା ଗୁଳି ଚାଳନା କଲେ ତାର ବିଧିବଦ୍ଧ ତଦନ୍ତ କରି ଦୋଷୀ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏତେଲା ରେ ଲିପିବଦ୍ଧ ରହିଛି। ହିଙ୍ଗୁଳା ମଣ୍ଡଳ ବିଜେପି ସଭାପତି ରାଜେନ୍ଦ୍ର ସିଂହ ବିକ୍ରମପୁର ଥାନା ରେ ଏତେଲା ଦେଇଛନ୍ତି ।ବିଜେପି ତାଳଚେର ବିଧାନସଭା ନେତା କାଳନ୍ଦି ସାମଲ ,ପର୍ଶୁରାମ ବାରିକ,ବିରଞ୍ଚି ସାହୁ,କାଳନ୍ଦି ପ୍ରଧାନ, ନରେନ୍ଦ୍ର ସାହୁ, ନରେଶ ଚନ୍ଦ୍ର ବେହେରା,ଗୋପାଳ ସାହୁ ,ସନ୍ତୋଷ କୁମାର ମହାସୁପକାର ,ସ୍ୱାଧୀନ ଅମ୍ବ ଙ୍କ ସମେତ ବହୁ ବିଜେପି ନେତା ଙ୍କ ଉପସ୍ଥିତି ରେ ଥାନା ରେ ଏତେଲା ଦିଆଯାଇଛି ।ତାଳଚେର ରେ ଲ ଲେସ ନେସ ଶାସନ ଚାଲିଛି ,ଏହା ପୂର୍ବରୁ ବାରମ୍ବାର ଏଭଳି ଘଟଣା ଏ ଅଞ୍ଚଳରେ ଘଟି ଚାଲି ଥିବା ବେଳେ ପୋଲିସ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ବିଜେପି ନେତା କାଳନ୍ଦି ସାମଲ ପ୍ରକାଶ କରିଛନ୍ତି ।ଘଟଣା ସ୍ଥଳରେ ବିଜେଡି ର ବହୁ ବିଧାୟକ ଓ ସାଂସଦ ଉପସ୍ଥିତ ଥିବା ବେଳେ ଏଭଳି ଘଟଣା କିଭଳି ଘଟିଲା ସେମାନେ କଣ କରୁଥିଲେ ଏହା ପ୍ରୟୋଜିତ ନୁହେଁ କି ବୋଲି ଶ୍ରୀ ସାମଲ କହିଛନ୍ତି ।ପୋଲିସ ପ୍ରଶାସନ ଘଟଣା ଉପରେ ଖୁବଶୀଘ୍ର ତଦନ୍ତ କରି ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ବିଜେପି ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ସାମଲ ଚେତାବନୀ ଦେଇଛନ୍ତି।

## ରାମ ରାଜ୍ୟ ଫେରିଛି

*ଦୀନବନ୍ଧୁ ବେଜ*



ରାମ ଯେଉଁଠି ଅଯୋଧ୍ୟା ସେଇଠି
ସକଳ ତୀର୍ଥ ତୋ ଚରଣେ,
ପିତା ମାତା ଜଦି ପାଖରେ ଅଛନ୍ତି
ଅଯୋଧ୍ୟା ଯିବି କି କାରଣେ ।
କୋଟି ଦଣ୍ଡବତ ଏଇଠୁ କରିବି
ଘେନା କରିବ ହେ ରଘୁପତି,
ତୁମ୍ଭ ପାଇଁ ହୁଏ ମୋ ମନ ଅସ୍ଥିର
ଲୋତକ ଚକ୍ଷୁରୁ ଝରୁଅଛି ।
ରାମ ନାମ ଜପି ଉପାବାସ ଥିବି
ମନ୍ଦିର ପ୍ରତିଷ୍ଠା ସମୟରେ,
ମୋ ପତ୍ର କୁଡ଼ିଆ ପବିତ୍ର ରଖିବି
ଅଗଣା ଲିପିବି ଗୋମୟରେ।
ପବିତ୍ରତା ମୟ ହୋଇବ ସଂସାର
ରାଘବ ହୋଇବେ ଆବିର୍ଭାବ ,
ପୁଣି ଆନନ୍ଦମୟ ହେବଟି ସଂସାର
ସାରା ଜଗତ ଏହା ଦେଖିବ ।
ବନ୍ୟଜନ୍ତୁ ସବୁ ଅନ୍ତରେ ଆନନ୍ଦ
ବୃକ୍ଷଲତା ଅଧିର ହେଉଛନ୍ତି,
ସମୁଦ୍ର ଜୀବଙ୍କ ଖୁସି କେ ବର୍ଣ୍ଣିବ
ଉର୍ମିମାନେ ଢେଉ ଭାଙ୍ଗୁଛନ୍ତି।
ପାତାଳେ ବାସୁକୀ ହେଉଛନ୍ତି ଖୁସି
କରିଲୋମ ମୂଳ ସ୍ଥିର ଚିତ୍ତ,
ଆକାଶରେ ସପ୍ତରଙ୍ଗ ବିଂଚ଼ି ବିଂଚ଼ି
ପକ୍ଷୀ ଗାଉଛନ୍ତି ଭକ୍ତି ଗୀତ ।
ବେଦଜ୍ଞ ବ୍ରାହ୍ମଣ ବେଦ ଉଚ୍ଚାରଣ
ଦେଖ କରିଲେଣି ଉଚ୍ଚ ସ୍ୱରେ,
ଭକ୍ତମାନେ ପୁଷ୍ପ ଅର୍ପଣ କଲେଣି
ପ୍ରଭୁ ରାମଲାଲା ଉଦ୍ଦେଶ୍ୟରେ ।
ଆସିଛି କି ସେହି ବହୁ ଆକାଂକ୍ଷିତ
ରାମରାଜ୍ୟ ପୁଣିଥରେ ଫେରି,
ତେବେ ବୋଧେ ଆଉ କରିବା ନାହିଁ
କାହା ପାଖରେ ହାରି ଗୁହାରି ।

ସଂପାଦକ
ଲକ୍ଷ୍ମଣ ନାୟକ ସାହିତ୍ୟ ସଂସଦ
ମାଲକାନଗିରି,ଓଡ଼ିଶା
ସଂପର୍କ:-୭୬୮୩୯୨୦୨୨୧

# କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଆଇ.ଓ୍ୱାଇ. ଡ଼ି.ପି ଅଧିନରେ ଆୟୋଜିତ କ୍ରୀଡା ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ

କୁକୁଡାଖଣ୍ଡି,(ଇପିଲି ପୂର୍ଣ୍ଣଚନ୍ଦ୍ର)(ପି.ଏନ):ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଯୁବ ଓ କ୍ରୀଡା ବିଭାଗ ଓଡିଶା ସରକାରଙ୍କ ଅନୁମୋଦନ ଦ୍ୱାରା ଆୟୋଜିତ ମୋ ଓଡିଶା,ଯୁବ ଓଡିଶା , ନବୀନ ଓଡିଶା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବ ?ଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ତରଫ ରୁ ତା.୩୦/୧୧/ ୨୦୨୩ ରିଖ ମାନ୍ୟବର ବିଧାୟକ ବ୍ରହ୍ମପୁର ଶ୍ରୀଯୁକ୍ତ ବିକ୍ରମ ପଣ୍ଡାଙ୍କ ଦ୍ୱାରା ଉଦ୍ଘାଟିତ ହୋଯାଇଛି। ପ୍ରାରମ୍ଭ କ୍ରୀଡା ପ୍ରତିଯୋଗିତା କାର୍ଯ୍ୟକ୍ରମ ରେ ଅଧ୍ୟକ୍ଷ ପ୍ରଫେସର ଡ଼ା. ବିପିନ ବିହାରୀ ଖୁଣ୍ଟିଆ, ଚିକିତ୍ସାଳୟର ଅଧୀକ୍ଷକ ଡା. ବିମଲ କୁମାର ପଣ୍ଡା ,ପ୍ରୋଫେସର ଡା. ଚିନ୍ମୟ ଭବାନୀ ପ୍ରସାଦ, ପ୍ରୋଗ୍ରାମର ନୋଡାଲ ଅଫିସର ଡ଼ା. ଘାସିରାମ ସାହୁ ,କ୍ରୀଡା କାର୍ଯ୍ୟକ୍ରମର ମୁଖ୍ୟ ଡା. ମୁକୁନ୍ଦ କୁମାର ସିଂ ଓ ଡା. ଶତାବ୍ଦୀ ଶତରୂପା ପଟ୍ଟନାୟକ ତଥା ଛାତ୍ର ପ୍ରତିନିଧି ମନୋଜ କୁମାର ନାୟକ ଓ ଜ୍ଞାନ ରଞ୍ଜନ ମିଶ୍ର ଙ୍କ କତୃତ୍ୱାବଧାନ ରେ ସୁଚାରୁ ରୂପେ ସମ୍ପର୍ଣ୍ଣ ହୋଇଥିଲା ।ଉକ୍ତ କାର୍ଯ୍ୟକ୍ରମ ରେ ଡା.ନିବେଦିତା ମହାପାତ୍ର ,ଡା.ସୌଭାଗ୍ୟ କୁମାର ମହାଲିକ,ଡ଼ା. ଶିବ ପ୍ରସାଦ ରାଉତ ,ଡା.ରୋହିତ କୁମାର ଛତ୍ରିଆ,ଡ଼ା. ଅଂଶୁମାନ ବିଶ୍ୱାଳ,ଡା. ସୁବ୍ରତ କୁମାର ଓଝା , ଡ଼ା. ନିରୋଜ ସୁନା,ଡ଼ା. ରାଜେଶ ଧରୁଆ, ଡା.ବିଭୂପ୍ରସାଦ ନାୟକ, ଡା. ଜିତେନ୍ଦ୍ର ପ୍ରଧାନ,ଡା.ବିନୋଦ ମେହେର,ତଥା ସମସ୍ତ ଅଧ୍ୟାପକ ଅଧ୍ୟାପିକା ବୃନ୍ଦ ଏବଂ କର୍ମଚାରୀ ସହଯୋଗ କରିଥିଲେ । ବିଭିନ୍ନ ପ୍ରକାର କ୍ରୀଡା ଯଥା କ୍ରିକେଟ,ବାଡିମିଣ୍ଟନ ,କବାଡି, କେରମ,ଚେସ, ଲଙ୍ଗ ଜମ୍ପ, ହାଇ ଜମ୍ପ,ଭଲି ବଲ,ଡିସକସ,ସଟ ପୁଟ, ଜାଭେଲିନ,ଟଗ ଅଫ ଓ୍ୱାର, ଆଦି ପ୍ରତିଯୋଗିତା ରେ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ର ଉଦଯାପନୀୟ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ଭାଇସ ଚେୟାରମ୍ୟାନ ସୁଶ୍ରୀ ରାଜେଶ୍ୱରୀ ଦୋରା ଓ ଜିଲ୍ଲା ପରିଷଦ ମେମ୍ବର ଭାରତୀ ନାୟକ ଯୋଗ ଦେଇ କ୍ରୀଡା ପ୍ରତିଯୋଗିତାରେ ୧ମ ,୨ୟ,୩ୟ, ସ୍ଥାନ ଅଧିକାର କରିବାର ଛାତ୍ର ଛାତ୍ରୀ ତଥା ଅଂଶ ଗ୍ରହଣ କରିଥିବା ଅନ୍ୟ ପ୍ରତିଯୋଗୀ ଙ୍କୁ ପୁରସ୍କାର ତଥା ସାର୍ଟିଫିକେଟ ପ୍ରଦାନ କରିଥିଲେ । କୁକୁଡାଖଣ୍ଡି ବ୍ଲକରେ ନୂଆ-ଓ ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ରେ,ଫୁଟବଲ,ଭଲିବଲ(ଛାତ୍ର),କ୍ରିକେଟ(ଛାତ୍ରୀ) ରେ ପ୍ରଥମ ସ୍ଥାନ, କବାଡି(ଛାତ୍ରୀ),୨ୟ ସ୍ଥାନ ଖୋ-ଖୋ ରେ(ଉଭୟ ଛାତ୍ର ଛାତ୍ର)୩ୟ ସ୍ଥାନ ଅଧିକାର କରି ମହାବିଦ୍ୟାଳୟକୁ ପ୍ରଶଂସିତ କରିଛନ୍ତି । ସେହିପରି, ଜିଲ୍ଲା ସ୍ତରୀୟ କ୍ରିକେଟ ରେ( ଛାତ୍ରୀ) ଅଂଶ ଗ୍ରହଣ କରି ତୃତୀୟ ସ୍ଥାନ ଅଳଙ୍କୃତ କରି ପୁରସ୍କୃତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମ ମାଧମରେ ମହାବିଦ୍ୟାଳୟ ରେ ଛାତ୍ରଛାତ୍ରୀ ଙ୍କ କ୍ରୀଡା ପ୍ରତିଭା କୁ ଲୋକଲୋଚନକୁ ଆଣିବା ତଥା କ୍ରୀଡ଼ା ରେ ବିକାଶ ନିମନ୍ତେ ଅନୁପ୍ରାଣିତ ହୋଇ ମୋ ଓଡ଼ିଶା, ଯୁବ ଓଡିଶା ଓ ନବୀନ ଓଡିଶା କାର୍ଯ୍ୟକ୍ରମ ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ୟମ କୁ ସଫଳ ମଣ୍ଡିତ କରିଛନ୍ତି ।

## ଆସିବେ ରଘୁନନ୍ଦନ

ସୁନୀଲ କୁମାର ପ୍ରଧାନ



ପ୍ରଭୁ ଆସୁଛନ୍ତି ଧରାକୁ ସଙ୍ଗାତ
ସଭିଙ୍କ ଆନନ୍ଦ ମନ
ବାଇଶି ତାରିଖ ଏ ଶୁଭ ଦିନରେ
ଆସିବେ ରଘୁନନ୍ଦନ ।
ପାଞ୍ଚଶହ ବର୍ଷ ଅପେକ୍ଷାର କ୍ଷଣ
ହୋଇଲା ଆଜି ସମାପ୍ତ
ଅଯୋଧ୍ୟାପୁର ମୋ ହସି ଉଠୁଅଛି
ସଭିଙ୍କ ମନ ତୃପତ ।
ଏହି ଶୁଭ ଦିନେ ଏକତ୍ରିତ ହୋଇ
ପ୍ରଭୁଙ୍କ ନାମକୁ ନେବା
ଜୟ ଶ୍ରୀ ରାମ ତୁଣ୍ଡରେ ନେଇଣ
ଦୁଆରେ କୁମ୍ଭ ସ୍ଥାପିବା ।
ଦୀପ ଜାଳି ଶୁଭ ଶଙ୍ଖକୁ ବଜାଇ
ଶୁଭିବ ଘଣ୍ଟ ମୃଦଙ୍ଗ
ଉତ୍ସବ ମୁଖର ହୋଇବ ଭାରତ
ଧରିବା ପୁଣ୍ୟର ମଙ୍ଗ ।
ବହୁଦିନ ପରେ ସଫଳ ହୋଇଲା
ରାମରାଜ୍ୟର ସ୍ଥାପନ
ରାମ ନାମ ସାରା ଜଗତ ବ୍ୟାପିବ
ଚରଣେ ରହୁମୋ ମନ ।

ଝାଟିପଦର , ପାଲୁର , ଗଂଜାମ
ମୋ - ୭୬୦୯୯୩୪୩୬୬

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ମା ଗହ୍ମେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ ଯାପିତ ଫାଇନାଲ ମ୍ୟାଚ୍, ହଳଦିଆ ସ୍ପୋର୍ଟସ କଲଚ୍‌ରାଲ କ୍ରିକେଟ ଆସୋସିଏସନ ଚ୍ୟାମ୍ପିୟାନ



ଖୋର୍ଦ୍ଧା,୨୧/୧(ପିଏନ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଅନ୍ତର୍ଗତ ସିମୋର ଗ୍ରାମର ମା ଗହ୍ମେଇ ଟୁର୍ଣ୍ଣାମେଣ୍ଟ ମୃତ୍ୟୁଞ୍ଜୟ ଜେନାଙ୍କ ଆବାହକତ୍ୱରେ ଫାଇନାଲ ମ୍ୟାଚ୍ ଉଦଯାପିତ ହୋଇଛି। ଏଥିରେ ହଳଦିଆ ସ୍ୱ ?ର୍ଟସ କଲଚ୍‌ରାଲ କ୍ରିକେଟ ଆସୋସିଏସନ ଓ ଚ୍‌କାପଦା ମା ରାମଚ୍‌ଣ୍ଡୀ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ହଳଦିଆ ସ୍ୱ ?ର୍ଟସ କଲଚ୍‌ରାଲ କ୍ରିକେଟ ଆସୋସିଏସନ ପ୍ରଥମେ ଟସ ଜିତି ବ୍ୟାଟିଂ କରି ୭ ଉଇକେଟ ହରାଇ ୧୧୫ ରନ ସଂଗ୍ରହ କରିଥିବା ବେଳେ ଚ୍‌କାପଦା ମା ରାମଚ୍‌ଣ୍ଡୀ କ୍ରିକେଟ କ୍ଲବ ନିର୍ଦ୍ଧାରିତ ଓଭରରେ ୫୮ ରନ ସଂଗ୍ରହ କରି ପରାଜୟ ବରଣ କରିଛି। ପୁରସ୍କାର ବିତରଣ ସଭାରେ ଗ୍ରାମ୍ୟ କମିଟି ସଭାପତି ମହେନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ସରପଂଚ୍ ହାଡୁବନ୍ଧୁ ମହାପାତ୍ର ମୁଖ୍ୟ ଅତିଥି, ଅସିତ୍ କୁମାର ତ୍ରିପାଠୀ, ଏଚ୍‌ଡିବି ଫାଇନାନ୍ସ କମ୍ପାନୀର ପରିଚ୍‌ାଳକ ଲଳିତ ରଞ୍ଜନ ସାମନ୍ତରାୟ, ଚୋଳା ଫାଇନାନ୍ସ କମ୍ପାନୀର ପରିଚ୍‌ାଳକ ସନ୍ତୋଷ କୁମାର ଦୋରା ଓ କୋଚ୍ ଭାଗୁଦେବ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପ ବିଜେତା ଦଳକୁ ଯଥାକ୍ରମେ ରନର୍ସ ଅପ ଟ୍ରଫି ଓ ଚ୍ୟାମ୍ପିୟାନ ଟ୍ରଫି ସହ ନଗଦ ଅର୍ଥ ୭ ହଜାର ଓ ୧୦ ହଜାର ଟଙ୍କା ନୋ ଏଣ୍ଟ୍ରି ଫିସ ପ୍ରଦାନ କରାଯାଇଥିଲା । ଖେଳକୁ ଅମ୍ପାୟାର ନରେଶ କୁମାର ଜେନା ଓ ଚ୍ନ୍ମୟ ଜେନା ପରିଚ୍‌ାଳନା କରିଥିବା ବେଳେ ଦେବାଶିଷ ଜେନା ଓ ପବିତ୍ର ମହାନ୍ତି ସ୍କ ?ରରେ ସହାୟତା କରିଥିଲେ। ମିହିର ରଞ୍ଜନ ମହାପାତ୍ର, ପ୍ରଭାତ କୁଣ୍ଡୁ ଓ ପ୍ରକାଶ ମାର୍ଥା ଭାଷ୍ୟକାର ଭାବେ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ ।

## ଶ୍ରୀରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଖାଲି ପଡିଥିବା ପଦବୀ ପୂରଣ ପାଇଁ ଦାବି

ପାରଳାଖେମୁଣ୍ଡି,(ତାରିଣୀ ପ୍ରସାଦ ପଣ୍ଡା.(ପି.ଏନ): ଗଜପତି ଜିଲ୍ଲାର କାଶୀନଗର ଠାରେ ଥିବା ଶ୍ରୀରାମ ଉଚ୍ଚ୍ ମାଧ୍ୟମିକ ବିଦ୍ୟାଳୟର କଳା, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷା ବିଭାଗରେ ଯଥାକ୍ରମେ ୨୫୬, ୬୪ ଓ ୩୨ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି । ହେଲେ ଏଠାରେ ବହୁ ଶିକ୍ଷକ ପଦବୀ ଖାଲି ରହିଛି. ଖାଲି ପଡିଥିବା ପଦବୀ ପୂରଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି. ଗ୍ରାମବାସୀମାନେ ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡାଙ୍କୁ କହିଛନ୍ତିଯେ ବିଦ୍ୟାଳୟରେ ଆବଶ୍ୟକତା ଅନୁଯାୟୀ ଅଧ୍ୟାପକ ଓ କର୍ମଚ୍ଚାରୀ ନାହାନ୍ତି । ବର୍ତ୍ତମାନ ପଦାର୍ଥ ବିଜ୍ଞାନ, ଅର୍ଥନୀତି, ଆଇ ଆର ପି ଏମ୍, ରାଜନୀତି ବିଜ୍ଞାନ, କମ୍ପ୍ୟୁଟର ଟେକନିକ୍, ଡାଏରୀ ଫାର୍ମ ଟ୍ରେଡ୍ ଅଧ୍ୟାପକ ପଦବୀ ଖାଲି ପଡିଛି । ସେହିପରି କିରାଣୀ, ପି ଇ ଟି, ଲାଇବ୍ରେରିଆନ୍, ଲାଇବ୍ରେରୀ ଆଟେଣ୍ଡାଣ୍ଟ ପଦବୀରେ କେହି ନଥିବା ବେଳେ ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନ ବିଭାଗରେ ଡେମୋନଷ୍ଟ୍ରେଟର ନାହାନ୍ତି ।

# କଲେଜର ପ୍ରାକ୍ତନ ଅଧ୍ୟକ୍ଷା ସ୍ନେହଲତା ନାୟକଙ୍କୁ ଶ୍ରଦ୍ଧାଞ୍ଜଳି




ଦର୍ପଣ,(ପିଏନ): ଚଣ୍ଡିଖୋଲ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘ ପକ୍ଷରୁ କଲେଜକର ପ୍ରାକ୍ତନ ଅଧ୍ୟକ୍ଷା ସ୍ନେହଲତା ନାୟକଙ୍କ ସ୍ମୃତି ଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା କଲେଜ ନବ-ମାଳତୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସାଧାରଣ ସମ୍ପାଦକ ଆଇନଜୀବୀ ଦେବରାଜ ବେହେରାଙ୍କ ସଭାପତିତ୍ୱରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତା ନାୟକ ଜଣେ ସ୍ନେହୀ, ପରୋପକାରୀ, ଛାତ୍ରବତ୍ସଳା ଓ ଅମାଇକ ବ୍ୟକ୍ତିତ୍ୱ ଥିଲେ । କଲେଜର ବିକାଶ ଓ ଉନ୍ନତି ପାଇଁ ସେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ ବୋଲି ତାଙ୍କ ଅବଦାନକୁ ମନେପକାଇ ଅତିଥିମାନେ ସ୍ମୃତି ଚାରଣ କରିଥିଲେ। ସ୍ୱର୍ଗତା ନାୟକ ମଇ ମାସ ୨୦୧୬ ରୁ ଏପ୍ରିଲ ମାସ ୨୦୧୭ ମସିହା ପର୍ଯ୍ୟନ୍ତ କଲେଜ ଅଧ୍ୟକ୍ଷ ଭାର ତୁଲାଇ ଥିଲେ। ଏଥିରେ କଲେଜ ପରିଚାଳନା ସମିତିର ସଭାପତି ପ୍ରାଧ୍ୟାପକ ବିନାୟକ ପଣ୍ଡା, ଛତିଆ ହାଡିଦାସ ମହାବିଦ୍ୟାଳୟର ପରିଚାଳନା ସମିତି ସଭାପତି ଡ. କେଦାରନାଥ ଦାଶ, ପ୍ରାକ୍ତନ ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ଓ ଡ. ବିରେନ୍ଦ୍ର କୁମାର ମିଶ୍ର, କ୍ୟାପଟେନ ଦିଲ୍ଲୀପ କୁମାର ନାୟକ, ଅଧ୍ୟାପକ ତପନ କୁମାର ଜେନା, ବିଜୟ କେତନ ସାମଲ ଓ ଡ. ଦିଲ୍ଲୀପ କୁମାର ନାୟକ, ପୃଥ୍ୱୀରାଜ ନାୟକ ଓ ତପନ କୁମାର ବାରିକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀର ବାର୍ଷିକ ଉତ୍ସବ



ଯାଜପୁର,(ପି.ଏନ): ଦଶରଥପୁର ବ୍ଲକ ଅଧିନସ୍ଥ ଅକରପଡ଼ା ପ ।ୟତ ସ୍ଥିତ ବାବା ଅଭୟ ନୃସିଂହ ଆଦିତ୍ୟା ଓ ଆନନ୍ଦ ବାହିନୀର କର୍ମକ ର୍ତ୍ତା ପକ୍ଷରୁ ବାର୍ଷିକ ଉତ୍ସବ ବାବା ଅଭୟ ନୃସିଂହ ମନ୍ଦିର ପରିସରରେ ଶୁଭମୟ ପରିବେଶରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରତିମା ଓ ଜଗତ୍ ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଫଟୋକୁ ଏକ ସୁସଜ୍ଜିତ ରଥରେ ଗ୍ରାମ ପରିକ୍ରମା କରାଯିବା ସହିତ ଶତାଧିକ ଶ୍ରଦ୍ଧାଳୁଙ୍କ ଯୋଗଦାନରେ ନାମ ସଂକୀ ର୍ତ୍ତନ ଘ , ଶଙ୍ଖ ବାଦନ ଓ ଢୋଲ ମାଦଳାରେ ପରିକ୍ରମାକୁ ପବିତ୍ରତାରେ ଦୁଇଗୁଣିତ କରିଥିଲା। ଏହି ଦିବ୍ୟ ଭବ୍ୟ ଶୋଭାଯାତ୍ରରେ ପ୍ରାୟ ୫ କି.ମି. ରାସ୍ତା ଅତିକ୍ରମ ବେଳେ ସାଧାରଣ ନରନାରୀଙ୍କ ହରିବୋଲ ହୁଳହୁଳି ପ୍ରକମ୍ପିତ କରିଥିଲା। ଶେଷରେ ଅଭୟ ନୃସିଂହ ମନ୍ଦିର ସମ୍ମୁଖରେ ଏକ ଧର୍ମସଭା ଉ ର ବିଭାଗର ସଂଗଠନ ସଚୀବ ମହେଶ୍ୱର ତ୍ରିପାଠୀ, ମୁଖ୍ୟ ଅତିଥି ଭାବେ ଯୋଗଦେଇ ସନାତନ ଧର୍ମ ଓ ଆଦି ଶଙ୍କରାଚାର୍ଯ୍ୟଙ୍କ ଠାରୁ ଆରମ୍ଭ କରି ବ ର୍ତ୍ତମାନ ଶଙ୍କରାଚାର୍ଯ୍ୟଙ୍କ ହିନ୍ଦୁଧର୍ମ, ସଂସ୍କୃତିକୁ ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ଭାରତକୁ ହିନ୍ଦୁ ରାଷ୍ଟ୍ର ମାନ୍ୟତା, ଗୋହତ୍ୟା ବନ୍ଦ କରିବା ଭଳି ଶ୍ଲୋଗାନ ପ୍ରଦାନ କରିଥିଲେ। ଚଳିତମାସ ପୂଜ୍ୟ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ମହୋଦଧି ଆଳତିରେ ଯୋଗଦାନ ଓ ପ୍ରଭୁଶ୍ରୀରାମଙ୍କ ପ୍ରତିଷ୍ଠା ଉତ୍ସବରେ ଦୀପ ପ୍ରଦାନ ଓ ରାମନାମ ଜପ କରିବାକୁ ଶ୍ରୀଯୁକ୍ତ ତ୍ରିପାଠୀ ନିମନ୍ତ୍ରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଦିତ୍ୟ ବାହିନୀ ଅଭୟ ନୃସିଂହ କମିଟିର ସଭାପତି ପ୍ରଦୀପ କୁମାର ବେହୁରିଆ ଓ ପ୍ରମୁଖ ସଦସ୍ୟ ସୂର୍ଯ୍ୟ କୁମାର ଧଳ ପରିଚ୍ଛଳନା କରିଥିଲେ। ବିପିନ୍ କୁମାର ସାହୁ, ସାନ୍ତନୁ ରାଉତ, ଭାସ୍କର ନାୟକ, କ୍ରୀଷ୍ଣା ବେହୁରିଆ, ରାମକୃଷ୍ଣ ବେହୁରିଆ, ଶୁଭକେତନ ସ୍ୱାଇଁ, ପୀତାମ୍ବର ଦାସ, ରାଜେଶ ସାମଲ, ସଂଗ୍ରାମ ବେହୁରିଆ, ବାହିନୀ ପକ୍ଷରୁ ରଶ୍ମିତା ସାହୁ, ବୈଜୟନ୍ତୀ ରାହୁଳ, ଶଶିବାଳା ବେହୁରିଆ, ତିଳୋ ମା ସାହୁ, ପ୍ରେମଲତା ବେହୁରିଆ ଓ ହନୁମାନ ବେଶରେ ସଂଗ୍ରାମ ଦେଓ ଓ ବାଘ ବେଶରେ ରଞ୍ଜନ ନାୟକ ସଯୋଗ କରିଥିଲେ।

## ଭାସ୍କର୍ଯ୍ୟ କଳାରେ ରାମଲଲା



ଭୁବନେଶ୍ୱର,(ପି.ଏନ): ଅଯୋଧ୍ୟା ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବର ଅବ୍ୟବହିତ ପୂର୍ବରୁ ଭୁବନେଶ୍ୱର ସ୍ଥିତ ଭରତପୁର ସାଇରାମ ନଗରର ଭାସ୍କର୍ଯ୍ୟ ଶିଳ୍ପୀ ଜୟଦ୍ରଥ ମଣ୍ଡଳ ଶ୍ରଦ୍ଧା ଓ ଭକ୍ତିର ସହ ମାଟିରେ ରାମଲଲାଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ କରିଛନ୍ତି । ୨୦ ଇ ଲମ୍ବ ଓ ୧୨ ଇ ପ୍ରଶସ୍ତ ବିଶିଷ୍ଟ ଏହି ମୂ ର୍ତ୍ତି ନିର୍ମାଣ ଲାଗି ସେ ୫କିଲୋ ମାଟି ବ୍ୟବହାର କରିଛନ୍ତି । ଏହି ଅନନ୍ୟ କୃତି ଲାଗି ଜୟଦ୍ରଥଙ୍କୁ ୫ ଘ । ସମୟ ଲାଗିଥିଲା । ଏହା ପୂର୍ବରୁ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମାଟିରେ ପ୍ରତିମା ନିର୍ମାଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ । ସେ ଧଉଳି ଚାରୁକଳା ମହାବିଦ୍ୟାଳୟରେ ସ୍ନାତକ ପାସ୍ କରି ଏବେ ଛତିଶଗଡ଼ ରାଜ୍ୟରେ ଥିବା ଇନ୍ଦିରା କଳା ସଙ୍ଗୀତ ବିଶ୍ୱ ବିଦ୍ୟାଳୟରେ ଭାସ୍କର୍ଯ୍ୟ କଳାରେ ପି.ଜି. କରୁଥିବାର ଜଣାପଡିଛି ।

## ଶ୍ରୀଯୁକ୍ତ ନରେନ୍ଦ୍ର କୁମାର ମିଶ୍ରଙ୍କ ସ୍ୱନକ୍ଷତ୍ର ଦିବସ ପାଳିତ



ଭୁବନେଶ୍ୱର,(ପି.ଏନ): ଶ୍ରୀଯୁକ୍ତ ନରେନ୍ଦ୍ର କୁମାର ମିଶ୍ରଙ୍କ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଭୁବନେଶ୍ୱରର ବୁଦ୍ଧ ମନ୍ଦିର ଠାରେ ପ୍ରାଚୀନ ମୁନି ଋଷି ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାଧୁ ସନ୍ଥ ପ୍ରଣାମ ମହୋତ୍ସବ -୨୦୨୪ ଅନୁଷ୍ଠିତ ହୋଇଯାଇଛି । ଆଜି ଶ୍ରୀଯୁକ୍ତ ମିଶ୍ର ୮୦ବର୍ଷରେ ପଦାର୍ପଣ କରିଛନ୍ତି । ଉକ୍ତ ମହୋତ୍ସବରେ ବଡ ବଡ ସାଧୁ ସନ୍ଥମାନଙ୍କ ସମେତ ଅବସରପ୍ରାପ୍ତ ଆଇଏଏସ୍ ଏବଂ ଓଏଏସ ଅଫିସର, ବରିଷ୍ଠ ରାଜନୀତିଜ୍ଞ, ବରିଷ୍ଠ ସାମ୍ବାଦିକ, ଅନେକ ବୁଦ୍ଧିଜୀବି,ଜ୍ଞାନୀଗୁଣୀ ଓ ଲେଖକ ଏବଂ ତାଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ରହି ତାଙ୍କ ବିଷୟରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି ମହୋତ୍ସବ ପୂର୍ବାହ୍ନ ୯ଘଟିକାଠାରୁ ଆରମ୍ଭ ହୋଇ ଅପରାହ୍ନ ୨ଘଟିକା ପର୍ଯ୍ୟନ୍ତ ଚାଲିଥିଲା । ଏହି ଅବସରରେ ହଂସପାଳସ୍ଥିତ ରୁଦ୍ରବିହାରରେ ଅବସ୍ଥିତ ନିଗମ କଳ୍ପତରୁ ଆଶ୍ରମର ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ,ଭୁବନେଶ୍ୱରସ୍ଥିତ ଦିବ୍ୟ ଜୀବନସଂଘର ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀ ମହାରାଜ,ସ୍ୱାମୀ ବରନାଥାନନ୍ଦ ସରସ୍ୱତୀ ମହାରାଜ ଏବଂ ଭୁବନେଶ୍ୱରର ବୈକୁଣ୍ଠ ସରଣୀସ୍ଥିତ ସତ୍ୟସେବାଶ୍ରମର ବାବାଜୀ ବାଳକାନନ୍ଦ ଦାସ ମହାରାଜଙ୍କୁ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ମହୋତ୍ସବରେ ଉପସ୍ଥିତ ଥିବା ସମସ୍ତ ଅଂଶଗ୍ରହଣକାରୀମାନେ ପ୍ରସାଦ ସେବନ କରିଥିଲେ। ଶେଷରେ ଆୟୋଜକଙ୍କ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ କାର୍ଯ୍ୟକ୍ରମ ସମାପନ କରାଯାଇଥିଲା।

## ବି.ଏମ.ଡ଼ି(ହାଡ଼ର ସାନ୍ଦ୍ରତା) ଟେଷ୍ଟ ବିନାମୂଲ୍ୟରେ



ଭୁବନେଶ୍ୱର,(ପି.ଏନ): ଆସନ୍ତା ତା ୨୩.୦୧.୨୦୨୪ରିଖ ମଙ୍ଗଳବାର ଦିନ ସକାଳ ୯ ଘଟିକା ଠାରୁ ୧୨ ଘଟିକା ପର୍ଯ୍ୟନ୍ତ ଡା. ସାରସ୍ୱତ ମିଶ୍ରଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ତ୍ରିମୂର୍ତ୍ତି ପଲ୍ଲି କ୍ଲିନିକ, ୧୨,ଜନପଥ, ସତ୍ୟନଗର, ଭୁବନେଶ୍ୱର ଠାରେ ବି.ଏମ୍.ଡି(ହାଡ଼ର ସାନ୍ଦ୍ରତା) ଟେଷ୍ଟ ବିନାମୂଲ୍ୟରେ କରାଯାଉଅଛି। ଏଣୁ ଜନସାଧାରଣ ଏହାର ଲାଭ ଉଠାଇବାକୁ ଅନୁରୋଧ କରାଯାଇଛି।

# ଅବସରପ୍ରାପ୍ତ କର୍ମଚାରୀଙ୍କ ମାସିକ ବୈଠକ ଅନୁଷ୍ଠିତ

ଯାଜପୁର,(ପି.ଏନ):ଯାଜପୁରର ଅବସରପ୍ରାପ୍ତ କର୍ମଚାରୀ ସଂଘର ମାସିକ ବୈଠକ ଉପ-ସଭାପତି ଧନଞ୍ଜୟ କେଶରୀ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ବନବିହାରୀ ମହାପାତ୍ର ତଥା ମୁଖ୍ୟ ଉପଦେଷ୍ଟା ଶ୍ଳୋକ ପାଠ କରି ସଭା ଆରମ୍ଭ କରିଥିଲେ। ଶ୍ରୀ ରାଉତରାୟ ବୈଠକ ଆରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ଅଭିନନ୍ଦନ ଜ୍ଞାପନ କରିଥିଲେ। ସମ୍ପାଦକ ପ୍ରଦୀପ କୁମାର ଦାସ ବିବରଣୀ ପାଠ କରିବା ସହିତ ଆସନ୍ତା ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସମସ୍ତ ସଭ୍ୟ ସଂଘର ସଭାଗୃହରେ ସେଦିନ ସକାଳ ୭.୩୦ ପୂର୍ବରୁ ଉପସ୍ଥିତ ହୋଇ ଜାତୀୟ ପତାକାଉତ ।ଳନରେ ସହଯୋଗ କରିବା ଲାଗି ପ୍ରସ୍ତାବ ଆଗତ କରିଥିଲେ।ଏହି ସଭାରେ ଯୁଗ୍ମ ସମ୍ପାଦକ ବୃନ୍ଦାବନ ମିଶ୍ର ବରିଷ୍ଠ ସଦସ୍ୟ ପ୍ରବୋଧ କୁମାର ନାୟକ, ମଧୁସୂଦନ ମହାନ୍ତି ପ୍ରଶାନ୍ତ କୁମାର ନାୟକ(କ), କୈଳାସ ଚନ୍ଦ୍ର ମଲ୍ଲିକ, ନୃସିଂହ ଚରଣ ଜେନା, ବିଷ୍ଣୁ ଚରଣ ଲେଙ୍କା, ଭରତ କୁମାର ସାହୁ, ଗୋପୀନାଥ ସେଠୀ, ଚନ୍ଦ୍ରଶେଖର ପାଣି, ପ୍ରଶାନ୍ତ କୁମାର ନାୟକ (ଖ), ବିଦୁଶ୍ କୁମାର ନାୟକ, ମିହିର ରଂଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବରିଷ୍ଠ ସଦସ୍ୟ ଅରୁଣ କୁମାର ମହାପାତ୍ର ସମସ୍ତଙ୍କୁ ଧନ୍ୟବା ଅର୍ପଣ କରିଥିଲେ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray